ODIA DAILY EDITION
30.04.2025
କଟକ, ବୁଧବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ଅପ୍ରେଲ-୩୦, ୨୦୨୫
ବର୍ଷ-୩୬, ସଂଖ୍ୟା-୨୯୨
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

35 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

## ଜଷ୍ଟିସ ଭୂଷଣ ରାମକୃଷ୍ଣ ଗାଭାଇ ସୁପ୍ରିମକୋର୍ଟର ପରବର୍ତ୍ତୀ ମୁଖ୍ୟ ବିଚାରପତି



**ନୂଆଦିଲ୍ଲୀ, ୨୯।୪:** ଜଷ୍ଟିସ ଭୂଷଣ ରାମକୃଷ୍ଣ ଗାଭାଇ ହେବେ ଭାରତର ପରବର୍ତ୍ତି ନୂଆ ମୁଖ୍ୟ ବିଚାରପତି । ସେ ହେବେ ଭାରତର ୫୨ତମ ମୁଖ୍ୟ ବିଚାରପତି । ତାଙ୍କ ନାମକୁ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ନାମକୁ ଅନୁମୋଦନ କରିଛନ୍ତି ।


ଜଷ୍ଟିସ୍ ଗଭାଇ ୧୪ ମଇ, ୨୦୨୫ରେ ଭାରତର ୫୨ତମ ମୁଖ୍ୟ ବିଚାରପତି ଭାବରେ ଶପଥ ଗ୍ରହଣ କରିବେ। ଏହା ପୂର୍ବରୁ ଭାରତର ବର୍ତ୍ତମାନର ମୁଖ୍ୟ ବିଚାରପତି ସଞ୍ଜୀବ ଖାନ୍ନା ତାଙ୍କ ନାମ ସୁପାରିଶ କରିଥିଲେ। ସିଜେଆଇ ସଞ୍ଜିବ ଖାନ୍ନାଙ୍କ କାର୍ଯ୍ୟକାଳ ମେ ୧୩ରେ ଶେଷ ହେଉଛି। ବି.ଆର. ଗଭାଇ ଦାୟିତ୍ୱ ଗ୍ରହଣ କରିବା ପରେ ୬ ମାସ ପାଇଁ ସିଜେଆଇ ଭାବରେ କାର୍ଯ୍ୟ କରିବେ ଏବଂ ନଭେମ୍ବର ୨୦୨୫ରେ ଅବସର ନେବେ।

ଜଷ୍ଟିସ୍ ଗଭାଇ ମୂଳତଃ ମହାରାଷ୍ଟ୍ରର ଅମରାବତୀ ଜିଲ୍ଲାର ବାସିନ୍ଦା। ତାଙ୍କ କ୍ୟାରିୟରରେ ଉଲ୍ଲେଖନୀୟ ନିଷ୍ପତ୍ତି ମଧ୍ୟରେ ଜମ୍ମୁ-କାଶ୍ମୀରରୁ ଧାରା ୩୭୦ ହଟାଇବା ଏବଂ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବା ଅନ୍ତର୍ଭୁକ୍ତ।

ଜଷ୍ଟିସ୍ ଗଭାଇଙ୍କ ନିଯୁକ୍ତି ସଂପର୍କରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏକ୍ସରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି ।

# ସେନାକୁ ମିଳିଲା ଗ୍ରୀନ୍ ସିଗନାଲ

- ମୋଦୀଙ୍କ ଅଧ୍ୟକ୍ଷତାରେ ବସିଲା ଉଚ୍ଚସ୍ତରୀୟ ବୈଠକ
- ଆକ୍ରମଣ ପାଇଁ ଭାରତର ପ୍ରସ୍ତୁତି
- ଯୋଗ ଦେଲେ ରାଜନାଥ, ଡୋଭାଲ ଓ ତିନି ସେନା ମୁଖ୍ୟ
- ଆକ୍ରମଣର ଲକ୍ଷ୍ୟ ଓ ସମୟ ସ୍ଥିର କରିବାକୁ ମୋଦୀଙ୍କ ଅନୁମତି



**ନୂଆଦିଲ୍ଲୀ, ୨୯।୪:** ପ୍ରଧାନମନ୍ତ୍ରୀ ମୋଦୀଙ୍କ ବାସଭବନରେ ମଙ୍ଗଳବାର ସଂଧ୍ୟାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ଶେଷ ହୋଇଛି। ପାକିସ୍ତାନକୁ ଜବାବ ଦେବାକୁ ଏହି ବୈଠକରେ ଭାରତର ତିନି ସେନାକୁ ସଂପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି । ସେନା ଆକ୍ରମଣର ଟାର୍ଗେଟ୍ ଓ ସମୟ ସ୍ଥିର କରିବ ।

ସୂତ୍ର ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦୀ ସେନାକୁ ଫ୍ରି ହ୍ୟାଣ୍ଡ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆମେ ଆତଙ୍କବାଦକୁ ଉଚିତ ଜବାବ ଦେବୁ। ଆକ୍ରମଣର ଲକ୍ଷ୍ୟ ଏବଂ ସମୟ ସେନା ଦ୍ୱାରା ସ୍ଥିର କରାଯିବା ଉଚିତ।'

ମୋଦୀଙ୍କ ଏହି ଅନୁମତି ପରେ ପାକିସ୍ତାନ ଉପରେ କାର୍ଯ୍ୟାନୁଷ୍ଠାନ ଅବଶ୍ୟମ୍ଭାବୀ ହୋଇପଡ଼ିଛି । ତେବେ ସେନା ନିଜର ଯୋଜନା ଓ ସୁବିଧା ଅନୁସାରେ ଉଚିତ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

ଏହି ଉଚ୍ଚସ୍ତରୀୟ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ପ୍ରତିରକ୍ଷା ମୁଖ୍ୟ (ସିଡିଏସ) ଜେନେରାଲ ଅନିଲ ଚୌହାନ ଏବଂ ତିନିଟି ସେବା - ସ୍ଥଳସେନା, ନୌସେନା ଏବଂ ବାୟୁସେନାର ମୁଖ୍ୟମାନେ ଯୋଗ ଦେଇଥିଲେ।

### ପ୍ରଧାନମନ୍ତ୍ରୀଙ୍କୁ ବାସଭବନରେ ଭେଟିଲେ ଶାହ

ପହଲଗାମ ଆକ୍ରମଣର ପଲଟା ଜବାବ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ସେନାକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଛନ୍ତି । ମଙ୍ଗଳବାର ସଂଧ୍ୟାରେ ପିଏମ୍ ଆବାସରେ ହୋଇଥିବା ଉଚ୍ଚ ସ୍ତରୀୟ ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ତିନି ସେନାର ପ୍ରମୁଖଙ୍କୁ ଆତଙ୍କୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୂର୍ଣ୍ଣ କ୍ଷମତା ଦେଇଛନ୍ତି । ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଏହି ବୈଠକରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ କଡ଼ା ଜବାବ ଦେବା ଆମ ରାଷ୍ଟ୍ରୀୟ ସଂକଳ୍ପ ଅଟେ ।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପାଲଟା ଜବାବର ପ୍ରକ୍ରିୟା, ସ୍ଥାନ ଓ ସମୟ, ସବୁର ନିର୍ଦ୍ଧାରଣ କରିବାର ଅଧିକାର ସଶସ୍ତ୍ରବଳଙ୍କୁ ଦିଆଯାଇଛି । ଏହି ଆକ୍ରମଣରେ ସାମିଲ ଆତଙ୍କବାଦୀ ଓ ସେମାନଙ୍କ ପୃଷ୍ଠପୋଷକଙ୍କୁ ପୃଥିବୀର ଶେଷ ଠିକଣା ଯାଏ ପିଛା କରି ଓ ସେମାନଙ୍କୁ କଳ୍ପନା ବାହାରେ ଦଣ୍ଡ ଦେବା ପାଇଁ ସେ ଆହ୍ୱାନ ଦେଇଛନ୍ତି । ପହଲଗାମ ଆକ୍ରମଣ ଜାମ୍ମୁ କାଶ୍ମୀରରେ ନାଗରିକଙ୍କ ଉପରେ ଗତ ଅନେକ ବର୍ଷରେ ସବୁଠୁ ବଡ଼ ଘାତକ ଆକ୍ରମଣ । ଏହାକୁ ନେଇ ଲୋକଙ୍କ ମଧ୍ୟରେ ଆକ୍ରୋଶ ରହିଛି । ପ୍ରଧାନମନ୍ତ୍ରୀଙ୍କ କଠୋର ଟିପ୍ପଣୀ ଓ ରାଷ୍ଟ୍ରୀୟ ସୁରକ୍ଷା ପ୍ରସଙ୍ଗରେ ସରକାରଙ୍କ କଡ଼ା ଅଭିମୁଖ୍ୟରେ ବଡ଼ ଧରଣର ପାଲଟା ଜବାବ ମିଳିବା ନେଇ ଆଶା ବଢ଼ିଛି ।

ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ମାମଲାର କ୍ୟାବିନେଟ୍ ସମିତି ବୈଠକ ଗୋଟିଏ ଦିନ ପୂର୍ବରୁ ଏହି ବୈଠକ ହୋଇଥିଲା ।

## ବନ୍ଦ ନିର୍ଦ୍ଦେଶ ସତ୍ତ୍ୱେ ଖୋଲୁଥିବା ସ୍କୁଲକୁ ମନ୍ତ୍ରୀଙ୍କ ତାଗିଦ

**ଭୁବନେଶ୍ୱର, ୨୯।୪:** ଘରୋଇ ଶିକ୍ଷାନୁଷ୍ଠାନକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତାଗିଦ୍ କରିଛନ୍ତି । ଗ୍ରୀଷ୍ମ ପ୍ରବାହ ପାଇଁ ସ୍କୁଲ ବନ୍ଦ ନିର୍ଦ୍ଦେଶ ସତ୍ତ୍ୱେ ସ୍କୁଲ୍ ଖୋଲା ଯାଉଥିବା ଅଭିଯୋଗ ହୋଇଛି । ଏହାକୁ ଅନୁଧ୍ୟାନ କରିବା ସହ ଶିକ୍ଷା ବିଭାଗ ଶକ୍ତ ଆଭିମୁଖ୍ୟ ନେଉଛି । ନିୟମ ଭାଙ୍ଗି ସ୍କୁଲ ଖୋଲା ହେଉଥିଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ । ପିଲାଙ୍କ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ।

## ଭିଜିଲାନ୍ସ ଜାଲରେ ଜିଲ୍ଲା ଅବକାରୀ ଅଧୀକ୍ଷକ

**ଢେଙ୍କାନାଳ, ୨୯।୪:** ଢେଙ୍କାନାଳ ଜିଲ୍ଲା ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ୩ ଲକ୍ଷ ଟଙ୍କା ସହିତ ତାଙ୍କୁ କାବୁ କଲା ଭିଜିଲାନ୍ସ । ଢେଙ୍କାନାଳ ମହାବୀର ବଜାର ସ୍ଥିତ ତାଙ୍କ ସରକାରୀ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢାଉ ଜାରି ରହିଛି । ସେହିଭଳି ଜଗତପୁର ସ୍ଥିତ ଘର, ଚୌଦ୍ୱାର ସ୍ଥିତ ପୈତୃକ ଘର, ଖୋର୍ଦ୍ଧା, ମହାବୀର ବଜାର ସ୍ଥିତ ସରକାରୀ ବାସଭବନ, ମହିଷାପାଟ ସ୍ଥିତ ଏକ୍ସାଇଜ ଅଫିସରେ ମଧ୍ୟ ଚଢାଉ ଜାରି ରହିଛି ।

| | |
|---|---|
| ସେନ୍‌ସେକ୍ସ | ୮୦,୨୮୮ |
| ନିଫ୍ଟି | ୨୪,୩୩୫ |
| ସୁନା/୧୦ଗ୍ରା | ୯୮,୮୯୫ |
| ରୂପା/କିଗ୍ରା | ୧,୦୦,୫୦୦ |
| ଡଲାର | ୮୫.୨୮ |

### ପାଣିପାଗ

| | |
|---|---|
| **ସର୍ବାଧିକ** | |
| ଭୁବନେଶ୍ୱର: | ୩୬.୭° |
| କଟକ: | ୩୫.୩° |
| **ସର୍ବନିମ୍ନ** | |
| ଭୁବନେଶ୍ୱର: | ୨୧.୦° |
| କଟକ: | ୨୨.୨° |

### ହାଲ୍‌ଚାଲ୍



ପ୍ରତିଶୋଧ ନେବ ଭାରତ
ଗ୍ରୀନ ସିଗନାଲ ମିଳିଲା
ପ୍ରଧାନମନ୍ତ୍ରୀଙ୍କ ଘରେ ବୈଠକ
ପ୍ରସ୍ତୁତି ଆରମ୍ଭ ହୋଇଲା
ଆଗକୁ କ'ଣ ପଦକ୍ଷେପ
ଅପେକ୍ଷା ତାକୁ ରହିଲା ।

# ପିଲାଙ୍କ 'ଯାଦୁପେଡ଼ି' ଦେଖିଲେ ମୁଖ୍ୟମନ୍ତ୍ରୀ

## ୪୫ ହଜାର ସ୍କୁଲକୁ ଦିଆଯିବ ଏନସିଇଆରଟି ଦ୍ୱାରା ପ୍ରସ୍ତୁତ କିଟ୍



**ଭୁବନେଶ୍ୱର, ୨୯।୪:** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଦିନ ଲୋକସେବା ଭବନ ଠାରେ ଶିଶୁ ବାଟିକା ପିଲା ମାନଙ୍କ ପାଇଁ ଉଦ୍ଦିଷ୍ଟ ଯାଦୁପେଡି ଦେଖିବା ସହିତ, ପିଲାମାନଙ୍କ ପାଇଁ ଏହାର ଉପଯୋଗୀତା ବିଷୟରେ ବୁଝିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ ଯାଦୁପେଡି ଭିତରେ ଥିବା ବିଭିନ୍ନ ସାମଗ୍ରୀ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

ମୁଖ୍ୟମନ୍ତ୍ରୀ ଏହି ପେଡି ଭିତରେ ଥିବା ସାମଗ୍ରୀ ଦେଖି ଖୁସି ବ୍ୟକ୍ତ କରି କହିଥିଲେ, ଛୋଟ ଛୋଟ ପିଲାମାନେ ନିଜ ପାରିପାର୍ଶ୍ୱିକ ଅଂଚଳରେ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଏହାର ଉପଯୋଗୀତା ବିଷୟରେ ଏହି ଯାଦୁପେଡିରେ ଥିବା ଖେଳନାରୁ ଶିଖି ପାରିବେ। ଶିଶୁ ମାନଙ୍କୁ ଏହି ଯାଦୁପେଡ଼ିର ଖେଳନା ଗୁଡିକ ଶିଖିବା ସହିତ ପାଠ ପ୍ରତି ମଧ୍ୟ ଆକର୍ଷିତ କରିବ। ସୂଚନାଯୋଗ୍ୟ ଯେ, ନୂତନ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଛୋଟ ଛୋଟ ପିଲାମାନଙ୍କ ପାଇଁ ଏହି ଯାଦୁପେଡିର ପରିକଳ୍ପନା କରାଯାଇଛି। ଏହାକୁ ଏନସିଇଆରଟି ଦ୍ୱାରା ପ୍ରସ୍ତୁତ କରାଯାଇଛି। ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କ ପାଇଁ ଏହି କିଟ୍ ପ୍ରଦାନ କରାଯିବ। ପ୍ରତ୍ୟେକ କିଟ୍ ପାଇଁ ପ୍ରାୟ ୨୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ରାଜ୍ୟର ୪୫ ହଜାର ସ୍କୁଲରେ ଏହାକୁ ଆବଂଟିତ କରାଯିବ ଏବଂ ସମୁଦାୟ ୯୦ କୋଟି ଟଙ୍କା ଖର୍ଚ୍ଚ ହେବ।

## ୧୦ ଟଙ୍କା ବଢ଼ିଲା ଶ୍ରମିକଙ୍କ ମଜୁରୀ

**ଭୁବନେଶ୍ୱର, ୨୯।୪:** ରାଜ୍ୟ ସରକାର ଶ୍ରମିକମାନଙ୍କ ପାଇଁ ଖୁସି ଖବର ଆଣିଛନ୍ତି। ଶ୍ରମିକଙ୍କ ଦୈନିକ ମଜୁରୀ ବଢ଼ାଇଛନ୍ତି। ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ୧୦ ଟଙ୍କା ବୃଦ୍ଧି କରିଛନ୍ତି। ଏସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଂଜୁରୀ ଦେଇଛନ୍ତି। ସୂଚନା ଅନୁସାରେ ସରକାର ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ୪୬୨ଟଙ୍କାକୁ ବୃଦ୍ଧି କରିଛନ୍ତି। ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରୀ ୫୧୨ ଟଙ୍କାକୁ ବୃଦ୍ଧି କରିଛନ୍ତି। କୁଶଳୀ ଶ୍ରମିକଙ୍କ ଦରମା ୫୬୨ ଟଙ୍କାକୁ ବୃଦ୍ଧି ହୋଇଥିବା ବେଳେ ଉଚ୍ଚକୁଶଳୀ ଶ୍ରମିକଙ୍କ ଦରମା ୬୧୨ ଟଙ୍କାକୁ ବୃଦ୍ଧି କରିଛନ୍ତି।

### ଆୟୁଷ୍ମାନ କାର୍ଡରେ ରୋଗୀଙ୍କୁ ଅବହେଳା

## ଘରୋଇ ହସ୍ପିଟାଲଗୁଡ଼ିକୁ ତାଗିଦ୍ କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ





**ଭୁବନେଶ୍ୱର, ୨୯।୪:** ଆୟୁଷ୍ମାନ କାର୍ଡରେ ରୋଗୀଙ୍କୁ ଚିକିତ୍ସାରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଘରୋଇ ହସ୍ପିଟାଲଗୁଡ଼ିକୁ ତାଗିଦ୍ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ମନ୍ତ୍ରୀ କହିଛନ୍ତି ଟେକ୍ନିକାଲ୍ ସମସ୍ୟାର ସମାଧାନ ପାଇଁ ଆଲୋଚନା ଚାଲିଛି। ଘରୋଇ ହସ୍ପିଟାଲ୍ ର ପ୍ୟାକେଜ ବୃଦ୍ଧି ଦାବି ଉପରେ ବିଚାର ହେବ। ବିଭିନ୍ନ ସ୍ତରରୁ ମତାମତ ଆସୁଛି, ସବୁ ଦିଗକୁ ବିଚାର କରାଯାଉଛି। ପ୍ୟାନ୍ ଇଣ୍ଡିଆ କାର୍ଡ ହୋଇଥିବାରୁ ନେଟ୍‌ୱର୍କ, ଓଟିପି ସମସ୍ୟା ରହିଛି। ସବୁ ସମସ୍ୟାର ସମାଧାନ ପାଇଁ ଆଲୋଚନା ଚାଲିଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି।

## ୨୪ ହାର୍ଡକୋର ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି, ୨୯।୪:** ୨୪ ହାର୍ଡକୋର ମାଓବାଦୀଙ୍କ ଆତ୍ମସମର୍ପଣ । ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଏସପିଙ୍କ ନିକଟରେ ଆତ୍ମସମର୍ପଣ କଲେ ପୂର୍ବ ବସ୍ତର ଡିଭିଜନର ଭୈରମଗଡ଼ ଏରିଆ କମିଟିର ୨୪ ହାର୍ଡକୋର ମାଓବାଦୀ । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ଆସାମ, ଇଙ୍ଗଇ ଡିଭିଜନ ଚଖେଏଇ ସଦସ୍ୟ, ପାର୍ଟି ମେମ୍ବର ଭଳି ହାର୍ଡକୋର ମାଓବାଦୀ ରହିଛନ୍ତି । ସେମାନଙ୍କ ନାଁରେ ୨୮ ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଥିଲା ।

ସୁରକ୍ଷାକର୍ମୀଙ୍କ କଡ଼ା ସୁରକ୍ଷା ସହ ମାଓ ଦମନ ଅପରେସନ ଚଳାଇଥିବାରୁ ଭୟଭୀତ ହୋଇପଡ଼ିଛନ୍ତି ମାଓବାଦୀ । ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ସରକାରଙ୍କ ସବୁ ପ୍ରକାର ସାହାର୍ଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଛତିଶଗଡ଼ ବିଜାପୁର ଏସ୍‌ପି ଜିତେନ୍ଦ୍ର ଚୌହାନ ପ୍ରତିଶୃତି ଦେଇଛନ୍ତି ।

## ରାଜଗାଙ୍ଗପୁରରେ ଫୁଟିଲା ଗୁଳି

**ସୁନ୍ଦରଗଡ଼, ୨୯।୪:** ରାଜଗାଙ୍ଗପୁରରେ ଗୁଳିଫୁଟି ଜଣେ ଯୁବକ ଆହତ ହୋଇଛନ୍ତି। ଆହତ ବ୍ୟକ୍ତିଙ୍କର ଚିକିତ୍ସା ପାଇଁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। କିଛି ସାଙ୍ଗ ବନ୍ଧୁକ ଧରି ମସ୍ତି କରୁଥିବାବେଳେ ଏଭଳି ଅଭାବନୀୟ ଘଟଣା ଘଟିଥିବା କୁହାଯାଉଛି। ଆହତ ବ୍ୟକ୍ତି ହେଲେ ମହମ୍ମଦ ସମସେର (୨୧)। ମଙ୍ଗଳବାର ଅପରାହ୍ଣ ଅଢ଼େଇଟାରେ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ସହରର ବାଣ୍ଟୁପଡା ଠାରେ କିଛି ଯୁବକ ଏକତ୍ର ହୋଇ ନିଶା ସେବନ କରିବା ପରେ ବନ୍ଧୁକ ଟ୍ରାଏଲ କରୁଥିଲେ। ଏହି ସମୟରେ ଅସାବଧାନତା କାରଣରୁ ବନ୍ଧୁକରୁ ଗୁଳି ଫୁଟିଥିଲା।

## ଗ୍ରୀଷ୍ମ ପ୍ରବାହ ନିୟନ୍ତ୍ରଣ ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି

### ଗ୍ରୀଷ୍ମପ୍ରବାହର ଆକ୍ରାନ୍ତଙ୍କ ପାଇଁ ପର୍ଯ୍ୟାପ୍ତ ଶଯ୍ୟା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ



**ଭୁବନେଶ୍ୱର, ୨୯।୪:** ଆଗାମୀ ଗ୍ରୀଷ୍ମ ପ୍ରବାହ ଓ କ୍ରମାଗତ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜନସାଧାରଣଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି ସହିତ ବ୍ୟାପକ ଜନସଚେତନତାକୁ ପ୍ରାଧାନ୍ୟ ଦିଆଯାଉଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗଙ୍କ ନିର୍ଦ୍ଦେଶକ୍ରମେ ଗ୍ରୀଷ୍ମ ପ୍ରବାହ ସମୟରେ ଜନଜୀବନର ସୁରକ୍ଷା ପାଇଁ ଆବଶ୍ୟକ ତ୍ୱରିତ ପଦକ୍ଷେପ, ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଆବଶ୍ୟକ ସ୍ୱାସ୍ଥ୍ୟ ସାମଗ୍ରୀର ସଂରକ୍ଷଣ ତାସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ (ଡିପିଏଚ୍) ଡା. ନୀଳକଣ୍ଠ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ସ୍ଥାନୀୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟଠାରେ ଅନୁଷ୍ଠିତ ହୋଇଯାଇଛି ।

ଅତ୍ୟଧିକ ଗରମର ଜନସ୍ୱାସ୍ଥ୍ୟ ପ୍ରଭାବକୁ ସୁପରିଚାଳନା କରିବା ପାଇଁ ଏକ ବ୍ୟାପକ ଆଭିମୁଖ୍ୟର ଆବଶ୍ୟକତା ଉପରେ ଡା. ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଗ୍ରୀଷ୍ମ ପ୍ରବାହର ପ୍ରଭାବକୁ ହ୍ରାସ କରିବା ପାଇଁ ଇଂଟ୍ରାଭେନସ୍ ଫ୍ଲୁଇଡ୍, ଓରାଲ୍ ରିହାଇଡ୍ରେସନ୍ ସଲ୍ୟୁସନ୍ (ଓଆରଏସ୍), ଆବଶ୍ୟକୀୟ ଔଷଧ, ଏୟାର କୁଲର / ଶୀତତାପ ନିୟନ୍ତ୍ରିତ କକ୍ଷ ଏବଂ ସର୍ବୋପରି ପାୱାର ବ୍ୟାକଅପ୍ ସିଷ୍ଟମ୍ ଭଳି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାର ଉପଲବ୍ଧତା ସୁନିଶ୍ଚିତ କରିବା ଉପରେ ସ୍ୱାସ୍ଥ୍ୟ ବିଭାଗ ଯଥେଷ୍ଟ ପ୍ରଯତ୍ନଶୀଳ । ଏହାବ୍ୟତୀତ ଗ୍ରୀଷ୍ମପ୍ରବାହର ଆକ୍ରାନ୍ତଙ୍କ ପାଇଁ ପର୍ଯ୍ୟାପ୍ତ ଶଯ୍ୟା ପ୍ରସ୍ତୁତ କରି ରଖିବା ସହ ଚିକିତ୍ସାର ସମସ୍ତ ସୁବିଧା ସୁନିଶ୍ଚିତ କରିବାକୁ ସମସ୍ତ ୩୦ଟି ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି ।

ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଗୁରୁତ୍ୱର ସହ ନେଇ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିଛି ବିଭାଗ । ଏହି ପ୍ରଶିକ୍ଷଣକୁ ତୃଣମୂଳସ୍ତର ଯାଏଁ ସମ୍ପ୍ରସାରିତ କରାଯାଉଛି ।

DADLS-



ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

କୃଷିଭିତ୍ତିକ ପର୍ବ ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀଙ୍କୁ, ବିଶେଷ କରି ଆମର ଚାଷୀ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ଚାଷୀ ଭାଇଙ୍କ ଅକ୍ଷି ମୁଠି ଅନୁକୂଳ ଶୁଭଙ୍କର ହେଉ । ଚଳିତ ବର୍ଷ ଚାଷୀ ଭାଇଭଉଣୀମାନଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR 15001/13/0611/2526

MBA/25-26/0059

## ହ୍ୟାଲୋ ବଲିଉଡ୍




### ୟୁକେ ଟୁର୍ ପୋଷ୍ଟପୋନ୍ କଲେ ସଲମାନ

ଜାମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ, ବଲିଉଡ୍ ଶିଳ୍ପ ସହିତ ଜଡ଼ିତ ଅନେକ ବଡ଼ ଷ୍ଟାର ସେମାନଙ୍କର ଆଗାମୀ କାର୍ଯ୍ୟକ୍ରମ କିମ୍ବା ଶୋ'କୁ ବାତିଲ କରିଦେଇଛନ୍ତି। ଭାଇଜାନ ତାଙ୍କର ୟୁକେ ଟୁରକୁ ସ୍ଥଗିତ ରଖିଛନ୍ତି। ସଲମାନ ନିଜେ ଇନଷ୍ଟାଗ୍ରାମରେ ଏକ ଅଫିସିଆଲ୍ ପୋଷ୍ଟ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ସଲମାନ ଖାନ ତାଙ୍କ ଅଫିସିଆଲ୍ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରୁ 'ୟୁକେ ଟୁର୍' ସମ୍ପର୍କିତ ଏକ ପୋଷ୍ଟ ସେୟାର କରିଛନ୍ତି। ଏଥିରେ ସେ ଲେଖିଛନ୍ତି, 'କାଶ୍ମୀରରେ ଘଟିଥିବା ଦୁଃଖଦ ଘଟଣାକୁ ମନେ ରଖି ଏବଂ ଭାରାକ୍ରାନ୍ତ ହୃଦୟରେ, ଆମେ ୪ ଏବଂ ୫ ମେରେ ମାଞ୍ଚେଷ୍ଟର ଏବଂ ଲଣ୍ଡନରେ ଅନୁଷ୍ଠିତ ହେବାକୁ ଥିବା 'ଦି ବଲିଉଡ୍ ବିଗ୍ ୱାନ୍ ଶୋ ୟୁକେ'କୁ ସ୍ଥଗିତ ରଖିବା ପାଇଁ କଷ୍ଟକର ନିଷ୍ପତ୍ତି ନେଇଛୁ। ଆମେ ବୁଝିପାରୁଛୁ ଯେ ଆମର ପ୍ରଶଂସକମାନେ ଏହି ଶୋ' ପାଇଁ ଉତ୍ସାହର ସହିତ ଅପେକ୍ଷା କରିଥିଲେ। ସେ ପୋଷ୍ଟରେ ଆହୁରି ଲେଖିଛନ୍ତି, 'ଆମେ ବିଶ୍ୱାସ କରୁଛୁ ଯେ ଏହି ଦୁଃଖଦ ସମୟରେ ଶୋ'କୁ ସ୍ଥଗିତ ରଖିବା ହେଉଛି ସଠିକ୍ ନିଷ୍ପତ୍ତି। ଯେକୌଣସି ଅସୁବିଧା ପାଇଁ ଆମେ ଆନ୍ତରିକ ଭାବରେ କ୍ଷମା ପ୍ରାର୍ଥନା କରୁଛୁ ଏବଂ ଆପଣଙ୍କ ସମର୍ଥନ ଏବଂ ବୁଝାମଣାକୁ ପ୍ରଶଂସା କରୁଛୁ। ଶୀଘ୍ର ନୂତନ ତାରିଖ ଘୋଷଣା କରାଯିବ। ଉଲ୍ଲେଖନୀୟ ଯେ ସଲମାନଙ୍କ ପୂର୍ବରୁ ଶ୍ରେୟା ଘୋଷାଲ, ବାଦଶାହ ଏବଂ ଅରିଜିତ ସିଂହ ଭଳି ବଡ଼ ନାମ ମଧ ସେମାନଙ୍କର ଶୋ ବାତିଲ କରିସାରିଛନ୍ତି।

# ସଂସଦରେ ସତନ୍ତ୍ର ଅଧିବେଶନ ଡାକିବାକୁ କେନ୍ଦ୍ରକୁ ରାହୁଲଙ୍କ ଚିଠି

**ଆତଙ୍କୀ ବିରୋଧରେ ଭାରତ ଏକାଠି ଅଛି ବୋଲି ଦର୍ଶାଇବାକୁ ପଡ଼ିବ**



**ନୂଆଦିଲ୍ଲୀ:** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସଂସଦର ଉଭୟ ଗୃହର ଏକ ସତନ୍ତ୍ର ଅଧିବେଶନ ଯଥାଶୀଘ୍ର ଡାକିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅନୁରୋଧ କରିଛନ୍ତି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଏନେଇ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ରାହୁଲ।

ମଙ୍ଗଳବାର ରାହୁଲ ଗାନ୍ଧୀ ନିଜ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ସେ ଲେଖିଥିବା ଚିଠିକୁ ଶେୟାର କରିଛନ୍ତି। ଏବଂ ଲେଖିଛନ୍ତି "ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପ୍ରତ୍ୟେକ ଭାରତୀୟଙ୍କୁ କ୍ରୋଧିତ କରିଛି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଆମେ ସର୍ବଦା ଆତଙ୍କବାଦ ବିରୁଦ୍ଧରେ ଏକାଠି ଛିଡା ହୋଇଛୁ ବୋଲି ଆଜି ଭାରତକୁ ଦେଖାଇବାକୁ ପଡ଼ିବ।" ସେ ଆହୁରି କହିଛନ୍ତି ଯେ ଆତଙ୍କବାଦର ମୁକାବିଲା ପାଇଁ ସଂସଦକୁ ଲୋକଙ୍କ ଏକତା ଏବଂ ଦୃଢ଼ତା ପ୍ରଦର୍ଶନ କରିବା ଉଚିତ। ତେଣୁ ଆମେ ଅନୁରୋଧ କରୁଛୁ ଯେ ଏପରି ଏକ ସତନ୍ତ୍ର ଅଧିବେଶନ ଯଥାଶୀଘ୍ର ଡକାଯାଉ ବୋଲି ରାହୁଲ ଚିଠିରେ ଲେଖିଛନ୍ତି।

ଏହା ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ଏବଂ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ମଧ ସମାନ ଅନୁରୋଧ କରି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଚିଠି ଲେଖିଥିଲେ। ପ୍ରକୃତରେ ପହଲଗାମ ଆକ୍ରମଣ ପରେ କଂଗ୍ରେସ ଦଳ ସରକାରଙ୍କୁ ସମାଲୋଚନା କରିଆସୁଛି। ଗୁଜୁରାଟର ଏକ ରାଲିରେ ଖଡ଼ଗେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ପ୍ରସଙ୍ଗରେ ହୋଇଥିବା ସର୍ବଦଳୀୟ ବୈଠକକୁ ନ ଆସିବା ନେଇ ଅଭିଯୋଗ କରିଥିଲେ। ସେ କହିଥିଲେ ଯେ ବର୍ତ୍ତମାନ ଦେଶରେ ଏକତାର ଆବଶ୍ୟକତା ରହିଛି ହେଲେ ବିଜେପି ଦେଶକୁ ବିଭାଜିତ କରିବାକୁ ଚେଷ୍ଟା କରୁଛି।

# ଖାଲିଥିବା ପୁଲିସ ପଦବୀ ପୁରଣ ଲାଗି ପ୍ରକ୍ରିୟା ଜାରି: ପୁଲିସ ଡିଜି

**ଖୁବଶୀଘ୍ର ପୂରଣ ହେବ**

**ରାଉରକେଲା:** ରାଜ୍ୟର ପୁଲିସ ବିଭାଗରେ ଖାଲିଥିବା ୧୬,୫୦୦ ପଦବୀ ଖୁବ ଶିଘ୍ର ପୁରଣ ହେବ ଏଥିଲାଗି କାମ ଚାଲିଛି ଯଥାଶିଘ୍ର ଏହା ପୁରଣ ହେବ ବୋଲି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଆଜି ରାଉରକେଲା ଗସ୍ତରେ କିଛି ଗୁରୁତ୍ୱପୁର୍ଣ କାମକୁ ନେଇ ଆସିଥିବା ବେଳେ ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ପଡୋଶୀ ରାଜ୍ୟ ଗୁଡିକରେ ଚାଲିଥିବା ବିଭିନ୍ନ ଅପରାଧକୁ ଦୃଷ୍ଟିରେ ରଖାଯାଇ ପଡୋଶୀ ରାଜ୍ୟର ବିଭିନ୍ନ ଅଧିକାରୀ ମାନଙ୍କ ସହ ଆଜି ଆଲୋଚନା କରାଜିବା ସହ ଘଟୁଥିବା ଅପରାଧ ଓ ଅପରାଧୀ ମାନଙ୍କର କାର୍ଯ୍ୟକଳାପ ଗୁଡିକୁ କିଭଳି ରୋକାଯାଇପାରିବ ସେନେଇ ବିସ୍ତୃତ ଆଲୋଚନା କରାଯାଇଛି । ପୁଲିସ ଡିଜି ଶ୍ରୀ ଖୁରାନିଆ ଆଜି ସକାଳେ ରାଉରକେଲା ପୁଲିସ ମୁଖ୍ୟାଳୟରେ ପହଂଚିବା ସହ ବରିଷ୍ଠ ପୁଲିସ ଅଧିକାରୀ ହିଂମାଶୁ ଲାଲଙ୍କ ସମେତ ରାଉରକେଲା, ସୁନ୍ଦରଗଡ ଏସପି , ପଡୋଶୀ ରାଜ୍ୟର ବିଭିନ୍ନ ପୁଲିସ ଅଧିକାରୀଙ୍କ ସମେତ ସିଆରପିଏଫ ଭଳି ସୁରକ୍ଷା ବାହିନୀର ବରିଷ୍ଠ ଅଧିକାରୀ ମାନଙ୍କ ସହିତ ପ୍ରାୟ ଦେଢ ଘଂଟାରୁ ଅଧିକ ସମୟ ଧରି ଆଲୋଚନା କରିଥିଲେ । ତେବେ ହଠାତ କାହିଁକି ଡିଜି ରାଉରକେଲା ଆସିଲେ, ଆଲୋଚନାରେ କଣ କଣ ବିଷୟ ସ୍ଥାନ ପାଇଥିଲା ସେନେଇ ମିଡିଆକୁ କହିଛନ୍ତି ଯେ, ପୁଲିସ ବିଭାଗରେ ଖାଲିଥିବା ପୁଲିସର ବିଭିନ୍ନ ପଦବୀ ଗୁଡିକ ଶିଘ୍ର ପୁରଣ କରାଜିବ, ଖାଲିଥିବା ପଦବୀ ଭିତରେ ଆର୍ମପୁଲିସ କନେଷ୍ଟବଲ ପଦବୀ ପୁରଣ ଲାଗି ପ୍ରକ୍ରୀୟା ଜାରୀ ରହିଛି, ମାସେ ଭିତରେ ଏହା ପୁରଣ ହେବ । ଏସଆଇ ପଦବୀ ପୁରଣ ଲାଗି ପ୍ରକ୍ରିୟା ଜାରୀ ରହିଛି । ସେଗୁଡିକ ଆସନ୍ତା ଦିନ ଗୁଡିକରେ ପୁରଣ କରାଜିବ, ତା ଛଡା ସିଭିଲ କନେଷ୍ଟବଲ ପଦବୀ ପୁରଣ ମଧ କରାଜିବ ବୋଲି ଶୀ ଖୁରାନିଆ ସୂଚନା ଦେଇଛନ୍ତି । ରାଉରକେଲା ସ୍ମାର୍ଟ ସିଟି ହେବା ପରେ ଏଠାରେ ପୁଲିସ ପକ୍ଷରୁ ଯେଉଁ ସବୁ କାମ ବାକି ରହିଥିଲା ସେଗୁଡିକୁ ମଧ ଖୁବ ଶିଘ୍ର କିଭଳି କରାଜିବ ସେନେଇ ଆଲୋଚନା କରାଯାଇଛି, ସେ ଭିତରେ ସହରରେ ସିସି କ୍ୟାମେରା ଠାରୁ ଆରମ୍ଭ କରି ଜିଲ୍ଲା ପୁଲିସର କଣ ସବୁ ଆବଶ୍ୟକତା ରହିଛି, କଣ ସବୁ ସମସ୍ୟା ରହିଛି ସେଗୁଡିକୁ କିଭଳି ପୁରଣ କରାଜିବ ସେନେଇ ଆଲୋଚନା କରାଯାଇଥିଲା ବୋଲି ଡିଜି କହିଥିଲେ । ସେହିଭଳି ପଡୋଶୀ ରାଜ୍ୟର ବରିଷ୍ଠ ଅଧିକାରୀ ମାନେ ଆସିଥିଲେ ସେମାନଙ୍କ ସହ ନକ୍ସଲ ସମସ୍ୟା ସଂପର୍କରେ ଆଲୋଚନା କରାଜିବା ସହ ରାଉରକେଲା ପୁଲିସ ଜିଲ୍ଲାର ବିଭିନ୍ନ ଅଧିକାରୀ ମାନଙ୍କ ସହ ଆଲୋଚନା କରାଯାଇଛି । କିଭଳି ଲୋକଙ୍କୁ ଅଧିକ ସୁବିଧା ଦେଇହେବ ଓ ପୁଲିସ ବିଭାଗ ତାର ମୂଳ ଲକ୍ଷ୍ୟରେ ପହଁଚିପାରିବ ସେ ନେଇ ଆଲୋଚନା କରାଯାଇଛି ଓ ଆସନ୍ତା ଦିନରେ ପୁଲିସ ଲୋକଙ୍କୁ ଅଧିକ ସେବା ଦେଇପାରିବ ବୋଲି ସେ ଦୃଢତାର ସହ କହିଛନ୍ତି । ରାଜ୍ୟରେ ଥିବା ପାକିସ୍ତାନୀ ମାନଙ୍କୁ ଏଠାରୁ ବିଦା କରିବାକୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଡିଜି କହିଛନ୍ତି ।

## ଭାରତରେ ମୃତ-ଜୀବିତ ବ୍ୟକ୍ତିଙ୍କ ଉପରେ ଏନଏଚଆରସିଙ୍କ ଏକ୍ସନ ଟେକେନ ରିପୋର୍ଟ

**ଭଦ୍ରକ:** ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) ଭାରତର ବିଭିନ୍ନ ସ୍ଥାନରେ ସରକାରୀ ଭାବରେ ମୃତ କିନ୍ତୁ ଶାରୀରିକ ଭାବରେ ଜୀବିତ ବ୍ୟକ୍ତିଙ୍କ ପ୍ରସଙ୍ଗରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଛି। ଆବେଦନରେ ଉଲ୍ଲେଖ କରାଯାଇଥିବା ପ୍ରସଙ୍ଗ ଉପରେ ସର୍ବୋଚ୍ଚ ମାନବାଧିକାର ପ୍ରହରୀ ପରିଷଦ, ଏମ୍‌ଏଚଏ, ଆଇନ ଏବଂ ନ୍ୟାୟ ସଚିବ, ବିହାରର ଡିଜିପି ଏବଂ ମଧ୍ୟପ୍ରଦେଶର ମନ୍ଦସୌରର ପୋଲିସ ଅଧିକ୍ଷକଙ୍କଠାରୁ ଏଟିଆରଏସ ଲୋଡିଛି। ବିଶିଷ୍ଟ ମାନବାଧିକାର କର୍ମୀ ଏବଂ ସୁପ୍ରିମକୋର୍ଟର ଓକିଲ ରାଧାକାନ୍ତ ତ୍ରିପାଠିଙ୍କ ଦ୍ୱାରା ଦାଖଲ କରାଯାଇଥିବା ତିନୋଟି ପୃଥକ ଆବେଦନ ଉପରେ କାର୍ଯ୍ୟ କରି ଏନଏଚଆରସି ୧୫ ଦିନ ମଧ୍ୟରେ ରିପୋର୍ଟ ମାଗିଛି। ଭୁଲ ତଦନ୍ତ ଯୋଗୁଁ ଜୀବିତ ଥିବା ସତ୍ତ୍ୱେ ମୃତ ଘୋଷଣା କରାଯାଇଥିବା ବ୍ୟକ୍ତିଙ୍କ ମାମଲା ବୃଦ୍ଧି ପାଉଥିବା ସମସ୍ୟା ଉପରେ ଶ୍ରୀ ତ୍ରିପାଠି ଆଲୋକପାତ କରିଛନ୍ତି। ସେ ଏହି ବ୍ୟକ୍ତିମାନଙ୍କ ଅଧିକାରକୁ ଚିହ୍ନଟ କରି ଏବଂ ଏହି ଅଧିକାରଗୁଡ଼ିକର ପୁନଃସ୍ଥାପନ ପ୍ରଦାନ କରି ହସ୍ତକ୍ଷେପ କରିବାକୁ କମିଶନଙ୍କୁ ଅନୁରୋଧ କରିଛନ୍ତି। କ୍ଲରିକାଲ୍ ତ୍ରୁଟି, ମିଥ୍ୟା ସୂଚନା, ଭୁଲ ଚିହ୍ନଟ ଏବଂ କର୍ତ୍ତୃପକ୍ଷଙ୍କ ଯତ୍ନ ସହିତ ତଦନ୍ତ କରିବାରେ ବିଫଳତା ଯୋଗୁଁ ଏହି ତ୍ରୁଟି ଘଟିଥାଏ। ଶ୍ରୀ ତ୍ରିପାଠି ଭୁଲ ମୃତ୍ୟୁ ଘୋଷଣା, ଆଇନଗତ ପରିଚୟ ପୁନରୁଦ୍ଧାର ଏବଂ ପ୍ରଭାବିତ ପୀଡିତମାନଙ୍କୁ କ୍ଷତିପୂରଣ ଭଳି ମାମଲାଗୁଡ଼ିକର ଉପଯୁକ୍ତ ତଦନ୍ତ ପାଇଁ ଅନୁରୋଧ କରିଥିଲେ।

ଦ୍ୱିତୀୟ ମାମଲାରେ ଏକ ମିଥ୍ୟା ହତ୍ୟା ମାମଲା ଯେଉଁଠାରେ ବିହାରର ପୋଲିସ ଅଧିକାରୀମାନେ ବିହାରର ଦେଓରିଆର ନାଥୁନୀ ପାଲ ନାମକ ଜଣେ ବ୍ୟକ୍ତିଙ୍କୁ ୧୭ ବର୍ଷ ପୂର୍ବେ ହତ୍ୟା କରାଯାଇଥିବା ରିପୋର୍ଟ କରାଯାଇଥିଲା । ଏବଂ ୨୦୨୫ରେ ପୋଲିସ ତାଙ୍କୁ ଝାନ୍ସୀରେ ଜୀବିତ ପାଇଥିଲା। ମୃତ୍ୟୁର ମିଥ୍ୟା ତଦନ୍ତ ଏବଂ ରିପୋର୍ଟର ପରିଣାମ ସ୍ୱରୂପ ପ୍ରଭାବ ପଡ଼ିଥାଏ ଯେପରିକି ହତ୍ୟା ପାଇଁ ନିର୍ଦ୍ଦୋଷଙ୍କୁ ଭୁଲ ଦୋଷୀ ସାବ୍ୟସ୍ତ କରିବା ଏବଂ ପରିବାରକୁ ଗୁରୁତର ମାନସିକ ନିର୍ଯାତନା ଦେବା। ଏହି ମାମଲାରେ ଏନଏଚଆରସି ବିହାର, ପାଟନା ସରକାରଙ୍କ ଡିଜିପିଙ୍କୁ ମାମଲାର ଯାଂଚ କରିବାକୁ ଏବଂ ୧୫ ଦିନ ମଧ୍ୟରେ ଶୀଘ୍ର ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ତୃତୀୟ ମାମଲାରେ ଏନଏଚଆରସି ମଧ୍ୟପ୍ରଦେଶର ମନ୍ଦସୌରର ପୋଲିସ ଅଧିକ୍ଷକଙ୍କୁ ମାମଲାର ତଦନ୍ତ କରିବାକୁ ଏବଂ ୧୫ ଦିନ ମଧ୍ୟରେ ଶୀଘ୍ର ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବନ୍ଦ୍ ହେଲା ଜମ୍ମୁ-କଶ୍ମୀରର ୪୮ ପର୍ଯ୍ୟଟନସ୍ଥଳ

**ପର୍ଯ୍ୟଟକଙ୍କ ମୃତ୍ୟୁ ପରେ ସରକାରଙ୍କ ନିଷ୍ପତ୍ତି**

**ଶ୍ରୀନଗର:** ପହଲଗାମ ଆକ୍ରମଣର ଗୋଟାଏ ସପ୍ତାହ ପରେ ଜମ୍ମୁ-କଶ୍ମୀରର ୪୮ଟି ପର୍ଯ୍ୟଟନ ସ୍ଥଳ ବନ୍ଦ କରି ଦିଆଯାଇଛି। ପହଲଗାମର ବୈସରନଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିବା ପରେ ସରକାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

କେନ୍ଦ୍ର ଶାସିତ ଅଞ୍ଚଳରେ ଅତି କମରେ ୪୮ଟି ରିସର୍ଟ ବନ୍ଦ କରାଯାଇଛି। ଯାହାକି ଏହାର ଶାନ୍ତ ଉପତ୍ୟକା ଏବଂ ମନୋରମ ପର୍ବତ ପାଇଁ ଜଣାଶୁଣା। ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ପରେ ସୁରକ୍ଷା ଚିନ୍ତା ମଧ୍ୟରେ ଏହି ପ୍ରତିରୋଧକ ପଦକ୍ଷେପ ନିଆଯାଇଛି। ବଡଗାମର ଦୁଧପତ୍ରି ଏବଂ ଅନନ୍ତନାଗର ଭେରିନାଗ ଭଳି ଅନେକ ପର୍ଯ୍ୟଟନ ସ୍ଥଳକୁ କେନ୍ଦ୍ର ଶାସିତ ଅଞ୍ଚଳରେ ଅତି କମରେ ୪୮ଟି ରିସର୍ଟ ବନ୍ଦ କରାଯାଇଛି ଯାହା ଏହାର ଶାନ୍ତ ଉପତ୍ୟକା ଏବଂ ମନୋରମ ପର୍ବତ ପାଇଁ ଜଣାଶୁଣା। ବଡଗାମର ଦୁଧପତ୍ରି ଏବଂ ଅନନ୍ତନାଗର ଭେରିନାଗ ଭଳି ଅନେକ ପର୍ଯ୍ୟଟନ ସ୍ଥଳକୁ ମଧ ପର୍ଯ୍ୟଟକଙ୍କ ପାଇଁ ବନ୍ଦ୍ କରାଯାଇଛି।



ହତ୍ୟାକାଣ୍ଡ ପରେ ଭୟଭୀତ ହୋଇ ପର୍ଯ୍ୟଟକମାନେ କେନ୍ଦ୍ର ଶାସିତ ଅଞ୍ଚଳ ଛାଡି ପଳାୟନ କରୁଛନ୍ତି। ଯେତେବେଳେ ଅନେକ ପର୍ଯ୍ୟଟକ ସେମାନଙ୍କର ଆଗାମୀ ପର୍ଯ୍ୟଟନ ବାତିଲ କରିଛନ୍ତି। ମାତ୍ର ଗୋଟିଏ ସପ୍ତାହ ପୂର୍ବରୁ, ପହଲଗାମ ସହରରେ ପର୍ଯ୍ୟଟକଙ୍କ ସହିତ ଏକ ଚଳଚଞ୍ଚଳ ବଜାର ଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟଟକଙ୍କ ସଂଖ୍ୟାରେ ଯଥେଷ୍ଟ ହ୍ରାସ ଘଟିଛି। ସ୍ଥାନୀୟ ଲୋକମାନେ ଭୟ କରୁଛନ୍ତି ଯେ ପର୍ଯ୍ୟଟନ ହ୍ରାସ ସେମାନଙ୍କ ଆୟ ଏବଂ ଜୀବିକାର ଉତ୍ସ ଉପରେ ଏକ ବଡ଼ ପ୍ରଭାବ ପକାଇବ। ସେମାନେ ଆତଙ୍କୀ ଆକ୍ରମଣକୁ ନିନ୍ଦା କରି ପ୍ରତିବାଦ ମଧ କରିଛନ୍ତି, ପୀଡିତଙ୍କ ସହିତ ଏକତା ଜାହିର କରିଛନ୍ତି। ଆତଙ୍କବାଦ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି ଯେ କାଶ୍ମୀରର ଲୋକମାନେ ନିର୍ଦ୍ଦୋଷ ଲୋକଙ୍କ ହତ୍ୟା ବିରୋଧରେ ଖୋଲାଖୋଲି ଭାବରେ ବାହାରିଛନ୍ତି ଏବଂ ଲୋକଙ୍କୁ ବିଚ୍ଛିନ୍ନ କରୁଥିବା ଯେକୌଣସି ଭୁଲ କାର୍ଯ୍ୟକୁ ଏଡାଇବା ଉଚିତ ।

## ଧର୍ମଶାଳା ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ଧର୍ମଶାଳା:** ଯାଜପୁର ଜିଲା ଧର୍ମଶାଳା ମହାବିଦ୍ୟାଳୟର ଇଂରାଜୀ ବିଭାଗର ଯୁକ୍ତ ୩ ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧକ୍ଷ ସ୍ୱରୂପାନନ୍ଦ ପଣ୍ଡା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ଜଗତର ନାଥ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଓ ପୂଜା ଅର୍ଚ୍ଚନା କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଇଂରାଜୀ ବିଭାଗର ମୁଖ୍ୟ ଅଧାପକ ମିହିରକାନ୍ତ ରାଉତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ପରେ ତୃତୀୟ ବର୍ଷର ପିଲାମାନେ ନିଜ କଲେଜ ଜୀବନର ଅନୁଭୂତି ବଖାଣି ଥିଲେ। ପରେ ପିଲାମାନଙ୍କ ନାଚଗୀତରେ ସଭାକୁ ଗୌରବାନ୍ୱିତ କରିବା ସହ ଆନନ୍ଦ ଉଲ୍ଲାସ ଭରି ଦେଇଥିଲା । ଅଧାପକ ଶ୍ରୀପ୍ରସାଦ ନାୟକ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

## ଉଲୁଣ୍ଡାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ସୁବର୍ଣ୍ଣପୁର:** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀମତୀ ଅନନ୍ୟା ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୫୮ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୫୦ ଗୋଟି ଗ୍ରହଣ କରାଯାଇଥିବା ବେଳେ ୮ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି ଓ ଗୋଟିଏ ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ସହାୟତା ନିମନ୍ତେ ଗ୍ରହଣ କରାଯାଇଛି । ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ ଚିନ୍ମୟ ମହାନନ୍ଦଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦାନ କରିଥିଲେ।

## ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ 'ଏକ୍ସ' ଆକାଉଣ୍ଟ ବନ୍ଦ



**ନୂଆଦିଲ୍ଲୀ:** ଜମ୍ମୁ-କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ କୂଟନୈତିକ ସ୍ତରରେ ଆକ୍ସନ ନେଉଛି ଭାରତ। ଏହି ସମୟରେ ମୋଦୀ ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ସରକାର ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫଙ୍କ 'ଏକ୍ସ' ଆକାଉଣ୍ଟକୁ ବନ୍ଦ କରିଛନ୍ତି। ତାଙ୍କ ଆକାଉଣ୍ଟ ଭାରତରେ ଆକ୍ସେସ୍ ହୋଇପାରିବ ନାହିଁ।


ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖୱାଜା ଆସିଫ ପୂର୍ବରୁ କହିଥିଲେ ଯେ ପାକିସ୍ତାନ ହାଇ ଆଲର୍ଟରେ ଅଛି ଏବଂ ଏହାର ସେନା ସମ୍ପୂର୍ଣ୍ଣ ପ୍ରସ୍ତୁତ। ସେ ଏହା ମଧ ଚେତାବନୀ ଦେଇଛନ୍ତି ଯେ ଯଦି ପାକିସ୍ତାନର ଅସ୍ତିତ୍ୱ ପ୍ରତି ସିଧାସଳଖ ବିପଦ ଥାଏ, ତେବେ ଏହା ପରମାଣୁ ଅସ୍ତ୍ର ବ୍ୟବହାର କରିପାରିବ। ତାଙ୍କ ବୟାନ ପରେ, ଭାରତ ସରକାର ଏହି ପଦକ୍ଷେପ ନେଇଛନ୍ତି। କେବଳ ଏତିକି ନୁହେଁ, ଭାରତ ସରକାର ପୂର୍ବରୁ ଅନେକ ପାକିସ୍ତାନୀ ୟୁଟ୍ୟୁବ୍ ଚ୍ୟାନେଲକୁ ବ୍ୟାନ୍ କରିଥିଲେ। ଗୃହ ମନ୍ତ୍ରଣାଳୟର ସୁପାରିଶ କ୍ରମେ ଅନେକ ୟୁଟ୍ୟୁବ୍ ଚ୍ୟାନେଲକୁ ବ୍ୟାନ କରାଯାଇଛି। ପହଲଗାମ

**ଭାରତକୁ ଦେଇଥିଲେ ପରମାଣୁ ଧମକ**

ଆତଙ୍କବାଦୀ ଆକ୍ରମଣ ପରେ ଏହି ଚ୍ୟାନେଲଗୁଡ଼ିକ ଭାରତ, ଏହାର ସେନା ଏବଂ ସୁରକ୍ଷା ଏଜେନ୍ସି ଗୁଡ଼ିକ ବିରୁଦ୍ଧରେ ଉତ୍ତେଜନାପୂର୍ଣ୍ଣ, ମିଥ୍ୟା ଏବଂ ଭ୍ରାମକ ଖବର ପ୍ରସାର କରୁଥିଲେ। ସରକାର କହିଛନ୍ତି ଯେ ଏହି ଚ୍ୟାନେଲଗୁଡ଼ିକ ଦେଶର ଶାନ୍ତି ଏବଂ ଏକତାକୁ କ୍ଷତି ପହଞ୍ଚାଇପାରେ।

**ସାଇବର ଅପରାଧୀଙ୍କ ଟାର୍ଗେଟ୍‌ରେ ଶ୍ରଦ୍ଧାଳୁ**

# କେଦାରନାଥ ଯାତ୍ରା ପାଇଁ ଯାଉଥିବା ଭକ୍ତଙ୍କୁ ବନାଉଛନ୍ତି ଶିକାର



**ନୂଆଦିଲ୍ଲୀ:** ଲୋକଙ୍କୁ ବୋକା ବନାଇ ଟଙ୍କା ଲୁଟୁଥିବା ସାଇବର ଅପରାଧୀମାନେ ଏବେ ଠକିବାର ନୂଆ ନୂଆ ଉପାୟ ଆପଣାଉଛନ୍ତି । ସାଇବର ଦୋସ୍ତ ନାମରେ ଏକ ଏକ୍ସ ଆକାଉଣ୍ଟ ଏଭଳି ସ୍କାମ୍‌ଠାରୁ ସାବଧାନ ରହିବା ପାଇଁ ପରାମର୍ଶ ଦେଇଛି । କେଦାରନାଥ ଏବଂ ସୋମନାଥ ଯାତ୍ରାରେ ଯିବାକୁ ଥିବା ଶ୍ରଦ୍ଧାଳୁଙ୍କୁ ନକଲି ପୋର୍ଟାଲ ଏବଂ ବିଜ୍ଞାପନଠାରୁ ଦୂରେଇ ରହିବାକୁ ଏହା କହିଛି ।

ନକଲି ୱେବ୍‌ସାଇଟ୍ ଏବଂ ବିଜ୍ଞାପନ ଜାଲରେ ନ ପଡ଼ିବା ପାଇଁ ସରକାରୀ ଏଜେନ୍ସି ଦ୍ୱାରା ଅପରେଟ୍ କରାଯାଉଥିବା 'ସାଇବର ଦୋସ୍ତ ୧୪ସି'ର ଏକ୍ସ ଆକାଉଣ୍ଟ ପ୍ରକାଶ କରିଛି । ଅନେକ ନକଲି ୱେବ୍‌ସାଇଟ୍ ଏବଂ ବିଜ୍ଞାପନ ସୋମନାଥ ଓ କେଦାରନାଥ ଯାତ୍ରାରେ ଯାଉଥିବା ଶ୍ରଦ୍ଧାଳୁଙ୍କୁ ଧାର୍ମିକ ସ୍ଥଳ ଯିବା ଲାଗି ଲୋଭନୀୟ ଟୁର୍ ପ୍ୟାକେଜ୍ ଅଫର୍ କରୁଛନ୍ତି । ଏହା ଲୋକଙ୍କୁ ଆର୍ଥିକ କ୍ଷତି ପହଞ୍ଚାଇବା ପାଇଁ ଉଦ୍ଦିଷ୍ଟ । ସର୍ବଦା ଅଫିସିଆଲ ୱେବ୍‌ସାଇଟ୍ ଜରିଆରେ ବୁକିଂ କରିବା ପାଇଁ ଲୋକଙ୍କୁ ପରାମର୍ଶ ଦିଆଯାଇଛି ।

ସାଇବର ଠକ ସାଧାରଣତଃ ଲୋକଙ୍କୁ ଠକିବା ପାଇଁ ଏକ ନକଲି ୱେବ୍‌ସାଇଟ୍ କିମ୍ବା ବୈଧ ମନେ ହେଉଥିବା ୱେବ୍‌ସାଇଟ୍ ପ୍ରସ୍ତୁତ କରିଥାନ୍ତି । ଏଠାରେ ସ୍କାମର୍ସ ବ୍ୟାଙ୍କ ବିବରଣୀ ଦେବାକୁ କିମ୍ବା ପେମେଣ୍ଟ କରିବାକୁ କହିଥାନ୍ତି । ଏହାପରେ ଖେଳ ଶେଷ । ଲୋକଙ୍କ ଆକାଉଣ୍ଟକୁ ଏକ୍‌ଦମ୍ ଖାଲି କରିଦିଅନ୍ତି ଏମାନେ । ଏଭଳି ୱେବ୍‌ସାଇଟ୍ ଏବଂ ସ୍କାମରମାନଙ୍କଠାରୁ ବଞ୍ଚିବା ପାଇଁ ଲୋକେ ୟୁଆର୍‌ଏଲ୍‌ର ବନାନ ଚେକ୍ କରିପାରିବେ । ସ୍କାମର୍ସ ସାଧାରଣତଃ ଏଭଳି ୟୁଆର୍‌ଏଲ୍ ଉପଯୋଗ କରନ୍ତି, ଯାହା ବୈଧ ୱେବ୍‌ସାଇଟ୍ ଅବିକଳ ଲାଗିଥାଏ ଏବଂ ଏଥିରେ ସାମାନ୍ୟ ପରିବର୍ତ୍ତନ କରିଥାନ୍ତି ।

## ରାଶିଫଳ

**ମେଷ :** ଦିବା ୧୦ଟା ୦୩ ମିନିଟ୍ ପରେ ଅଷ୍ଟମ ଚନ୍ଦ୍ର ଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମତାନ୍ତର ଏବଂ ଶାରୀରିକ ପୀଡ଼ା ଭୋଗିବେ । ମନରେ ବିରକ୍ତି ଭାବ ଓ ଚିଡ଼ିଚିଡ଼ାପଣ ପ୍ରକାଶ ପାଇବ ଏବଂ ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ବିବାଦୀୟ ହେବ ।

**ବୃଷ :** ଦିବା ୧୦ଟା ୦୩ ମିନିଟ୍ ପର୍ଯ୍ୟନ୍ତ ଘାତଚନ୍ଦ୍ର ଯୋଗୁ ସେସମୟ ପର୍ଯ୍ୟନ୍ତ ମନରେ ଅସ୍ଥିରତା, ପରିବାରରେ ମତାନ୍ତର, ବାଣିଜ୍ୟ, ବ୍ୟବସାୟରେ ସ୍ୱଳ୍ପ ଆୟ ଏବଂ କର୍ମରେ ପରିଶ୍ରମ ତୁଳନାରେ ସଫଳତା ମିଳିବ ନାହିଁ ।

**ମିଥୁନ :** ଦିବା ୧୦ଟା ୦୩ ମିନିଟ୍ ପରେ ପଞ୍ଚମ ଚନ୍ଦ୍ର, ଅପରାହ୍ଣ ୧୨ଟା ୪୦ ମିନିଟ୍ ପରେ ଘାତ ନକ୍ଷତ୍ରଯୋଗୁମାନ, ସମ୍ମାନ ହାନି, ମାନସିକ ଦୁଶ୍ଚିନ୍ତା, ପରିବାରରେ ମତାନ୍ତର ଏବଂ ଇତରଜନ ଠାରୁ ଅପମାନ ପାଇବେ ।

**କର୍କଟ :** ତୃତୀୟ ଓ ଚତୁର୍ଥ ଚନ୍ଦ୍ରଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ମୂଲ୍ୟବାନ ଧାତୁ, ଭୂମି ଓ ଯାନବାହନ କ୍ରୟ କରିବେ । ଧନ, ସମ୍ପଦ ବୃଦ୍ଧି ପାଇବ । ମନରେ ଉନ୍ନତ ଚିନ୍ତାଧାରା ଏବଂ ଉଚ୍ଚାଭିଳାଷ ପ୍ରକାଶ ପାଇବ ଏବଂ ଉନ୍ନତି ମୂଳକ କର୍ମରେ ଧ୍ୟାନ ଅଧିକ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

**ସିଂହ :** ଦିବା ୧୦ଟା ୦୩ ମିନିଟ୍ ପର୍ଯ୍ୟନ୍ତ ଦ୍ୱିତୀୟ ଚନ୍ଦ୍ର ଯୋଗୁ ସେସମୟ ପର୍ଯ୍ୟନ୍ତ ବାଣିଜ୍ୟ, ବ୍ୟବସାୟରେ କ୍ଷତି ଏବଂ କର୍ମରେ ବିଫଳତାର ସାମ୍ନା କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ଏବଂ କର୍ମରେ ଆଶା ଠାରୁ ଅଧିକ ସଫଳତା ମିଳିବ ।

**କନ୍ୟା :** ଦିବା ୧୦ଟା ୦୩ ମିନିଟ୍ ପର୍ଯ୍ୟନ୍ତ ଶ୍ରୀଚନ୍ଦ୍ର ଯୋଗୁ ସେସମୟ ପର୍ଯ୍ୟନ୍ତ ବାଣିଜ୍ୟ, ବ୍ୟବସାୟରେ ସ୍ୱଳ୍ପ ଆୟ, କର୍ମରେ ସଫଳତା, ମନରେ ପ୍ରସନ୍ନତା ଓ ସମସ୍ତଙ୍କ ଶ୍ରଦ୍ଧାର ପାତ୍ର ହେବେ । ଏହା ପରେ ଦ୍ୱିତୀୟଚନ୍ଦ୍ର ଯୋଗୁ ମନରେ ଅସ୍ଥିରତା ଦେଖାଦେବ ।

**ତୁଳା :** ଦ୍ୱାଦଶ ଚନ୍ଦ୍ର ଏବଂ ଶ୍ରୀଚନ୍ଦ୍ର ଯୋଗୁ ଧନ, ମାନ, ସମ୍ମାନ, ସ୍ୱଜନରେ ସୁସମ୍ପର୍କ, ପରିବାରରେ ସୁଖଶାନ୍ତି ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତି ହେବ । ଖର୍ଚ୍ଚ ଅପେକ୍ଷା ସଞ୍ଚୟରେ ଅଧିକ ଆଗ୍ରହ ରହିବ ଏବଂ ପରିବାର ସହ କୌଣସି ବୈବାହିକ କର୍ମରେ ଯୋଗ ଦେବେ ।

**ବିଛା :** ଏକାଦଶ ଚନ୍ଦ୍ର ଓ ଦ୍ୱାଦଶ ଚନ୍ଦ୍ରଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ଧନର ସତ୍ ବିନିଯୋଗ କରିବେ । ଧନ, ସମ୍ପଦ ବୃଦ୍ଧି ପାଇବ ଏବଂ ଆୟର ନୂତନ ମାର୍ଗ ଖୋଲିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ତୁଳନାରେ ବ୍ୟୟ ବହୁତ କମ୍ ରହିବ ଏବଂ ଆୟର କିଛି ଅଂଶ ସଞ୍ଚୟରେ ବିନିଯୋଗ କରିବେ । ଯେଉଁ ମାନଙ୍କର ବିଶାଖା ଓ ଜ୍ୟେଷ୍ଠା ବିଛା, ସେମାନେ ସୁଫଳ ପାଇବେ ।

**ଧନୁ :** ଦଶମ ଓ ଏକାଦଶ ଚନ୍ଦ୍ର ଏବଂ ମଙ୍ଗଳଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ଭାଗ୍ୟରେ, କର୍ମରେ ଓ ଆର୍ଥିକ ଅବସ୍ଥାରେ ଉନ୍ନତି ଆସିବ । ମୂଲ୍ୟବାନ ଧାତୁ, ଭୂମି ଓ ଯାନବାହନ କ୍ରୟ କରିବେ । ଯେଉଁ ମାନଙ୍କର ପୂର୍ବାଷାଢ଼ା ଧନୁ, ସେମାନେ ଉପକୃତ ହେବେ ।

**ମକର :** ଘାତବାର ଏବଂ ଦିବା ୧୦ଟା ୦୩ ମିନିଟ୍ ପର୍ଯ୍ୟନ୍ତ ନବମ ଚନ୍ଦ୍ର ଓ ପରେ ଦଶମଚନ୍ଦ୍ର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ ମନରେ ଆତ୍ମସନ୍ତୋଷଓ ଆତ୍ମତୃପ୍ତି ମିଳିବ ନାହିଁ । ଯେଉଁ ମାନଙ୍କର ଶ୍ରବଣା ମକର, ସେମାନେ ଉପକୃତ ହେବେ ।

**କୁମ୍ଭ :** ଅଷ୍ଟମ ଓ ନବମ ଚନ୍ଦ୍ରଯୋଗୁ ବାଦ ବିବାଦ, ସାସ୍ଥ୍ୟ, ଆର୍ଥିକ କାରବାର, ରାଜନୈତିକ ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ମନ ଅସ୍ଥିର ଓ ବିଷାଦଗ୍ରସ୍ତ ରହିବ ଏବଂ ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ବିବାଦୀୟ ହେବ ।

**ମୀନ :** ଦିବା ୧୦ଟା ୦୩ ମିନିଟ୍ ପରେ ଅଷ୍ଟମ ଚନ୍ଦ୍ର ଯୋଗୁ ଧନ କ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମନୋମାଳିନ୍ୟ ଏବଂ ଶାରୀରିକ ପୀଡ଼ା ଭୋଗିବେ । ଉଚିତ୍ କର୍ମରୁ ବିଚ୍ୟୁତ ହୋଇ ଅନୁଚିତ୍ କର୍ମରେ ଆଗ୍ରହ ରଖିବେ ଏବଂ ବିନା କାରଣରେ ବହୁତ ବ୍ୟସ୍ତ ରହିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତି ଦେଖା ଦେବ ।



# କେରାଟିନ ଟ୍ରିଟମେଣ୍ଟର ଲାଭ ଓ କ୍ଷତି

*ଆଜିକାଲି ଝିଅମାନେ ନିଜ କେଶକୁ ସୁନ୍ଦର କରିବା ପାଇଁ ଅନେକଗୁଡ଼ିଏ ଟ୍ରିଟମେଣ୍ଟର ସାହାଯ୍ୟ ନେଉଛନ୍ତି । ସେଥିମଧ୍ୟରୁ ଗୋଟିଏ ହେଉଛି କେରାଟିନ ଟ୍ରିଟମେଣ୍ଟ। କେରାଟିନ ଟ୍ରିଟମେଣ୍ଟ ଏକ ଜଣାଶୁଣା ଟ୍ରିଟମେଣ୍ଟ ଅଟେ। ଏହା କେଶକୁ ସିଧା ଏବଂ ନରମ କରିବା ସହ ଚମକ ଆଣିଥାଏ। ଏହି ଟ୍ରିଟମେଣ୍ଟ କେଶରେ କେରାଟିନ ନାମକ ପ୍ରୋଟିନ ଭରିବାରେ ସାହାଯ୍ୟ କରିଥାଏ। ଯାହାଦ୍ୱାରା କେଶ ମଜବୁତ ହେବା ସହ ଏକ ପ୍ରାକୃତିକ ଚମକ ଆସିଥାଏ।କିନ୍ତୁ ଏହାକୁ କରିବା ପୂର୍ବରୁ କିଛି କଥାର ଧ୍ୟାନ ରଖିବା ଆବଶ୍ୟକ।*

**କେରାଟିନ ହେୟାର ଟ୍ରିଟମେଣ୍ଟର ଲାଭ:-**

ଏହାର ଅନେକଗୁଡ଼ିଏ ଲାଭ ରହିଛି। ଏହା କୁଞ୍ଚୁକୁଞ୍ଚିଆ କେଶକୁ ସିଧା ଏବଂ ଚମକଦାର କରିବାରେ ସହାୟକ ହୋଇଥାଏ। ଏହା କେଶକୁ ନରମ ଏବଂ ମଜବୁତ କରାଇଥାଏ। ଏହା କେଶକୁ ସମ୍ପ୍ରସାରିତ କରି ଛିଣ୍ଡିବାରୁ ରକ୍ଷା କରିଥାଏ। କେରାଟିନ୍ ଟ୍ରିଟମେଣ୍ଟ କେଶର ରୁକ୍ଷତାକୁ କମ୍ କରି ସେଥିରେ ଜୀବନ ଭରିଥାଏ। ଏହା ସାହାଯ୍ୟରେ ରଙ୍ଗୀନ କେଶର ରଙ୍ଗ ମଧ୍ୟ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ। ଯାହାଙ୍କର କେଶ ନିର୍ଜୀବ,ରୁକ୍ଷ ଏବଂ ଅଠାଳିଆ ହୋଇଥାଏ, ସେମାନଙ୍କ ପାଇଁ ଏହି ଟ୍ରିଟମେଣ୍ଟ ଅତ୍ୟନ୍ତ ଲାଭଦାୟକ ଅଟେ। ଏହା କେଶକୁ ଏକ ନୂତନ ଜୀବନ ଦେଇଥାଏ।

**କେରାଟିନ୍ ହେୟାର୍ ଟ୍ରିଟମେଣ୍ଟର କ୍ଷତି:-**

ଏହାର ଅନେକ କ୍ଷତି ମଧ୍ୟ ହୋଇପାରେ। ଯଦି ଗର୍ଭବତୀ ମହିଳା ଏହି ଟ୍ରିଟମେଣ୍ଟ କରାଇଥାନ୍ତି, ତେବେ ତାଙ୍କର କେଶ ଝଡିବାର ସମ୍ଭାବନା ରହିଛି। ଏପରି ପରିସ୍ଥିତିରେ ସେମାନେ ଡାକ୍ତରଙ୍କ ପରାମର୍ଶ ଅବଶ୍ୟ ନେବା ଉଚିତ୍। ସମସ୍ତଙ୍କର କେଶ ଏବଂ ତ୍ୱଚା ଆଲଗ ଅଲଗା ହୋଇଥାଏ। ଏହି ଟ୍ରିଟମେଣ୍ଟରେ କିଛି ରାସାୟନିକ ପଦାର୍ଥ ଥାଏ, ଯାହାଦ୍ୱାରା ଆପଣଙ୍କୁ ଏଲର୍ଜି ହୋଇପାରେ। ଏଲର୍ଜି ହେବାଦ୍ୱାରା କେଶ ଝଡ଼ିବାକୁ ଲାଗିଥାଏ। ଏହା କେଶକୁ ଏତେ ସିଧା କରିଦେଇଥାଏ ଯେ ଏହାର ଘନତ୍ୱ ଚାଲିଯାଇଥାଏ।

**ଏହି ସବୁ ଧ୍ୟାନ ରଖନ୍ତୁ:-**

ଏହି ଟ୍ରିଟମେଣ୍ଟକୁ କରାଇବା ପରେ ଆପଣ ନିଜର କେଶକୁ ଧୋଇ ପାରିବେ ନାହିଁ । ଏହା କରାଇବା ପରେ କେଶ ତେଲିଆ ହୋଇଥାଏ। ପାର୍ଲରରେ ଏହି ହେୟାର ଟ୍ରିଟମେଣ୍ଟ ମହଙ୍ଗା ପଡ଼ିପାରେ। ଏହା କରାଇବା ପୂର୍ବରୁ ଆପଣ ନିଜେ ଭଲଭାବେ ବିଚାର କରି ନିଅନ୍ତୁ ଅଥବା ବିଶେଷଜ୍ଞଙ୍କ ସହ ପରାମର୍ଶ କରି ନିଅନ୍ତୁ। ଏହି ଟ୍ରିଟମେଣ୍ଟ କରାଇବା ପରେ କେଶର ଭଲ ଭାବରେ ଯତ୍ନ ନିଅନ୍ତୁ। ଯଦି କିଛି ସମସ୍ୟା ଦେଖିବାକୁ ମିଳୁଛି ତେବେ ଡାକ୍ତରଙ୍କର ପରାମର୍ଶ ଅବଶ୍ୟ କରନ୍ତୁ।

# କେଶ ପାଚିବା ସମସ୍ୟା ଦେଖାଦେଉଛି କି ?

ବର୍ତ୍ତମାନ ପ୍ରାୟ ସମସ୍ତଙ୍କର କେଶ ସମସ୍ୟା ଦେଖାଯାଉଛି । ଏ ସମସ୍ୟାକୁ ଦୂର କରିବାକୁ ଲୋକେ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି । ତେବେ ଏବେ ଅଧିକାଂଶ ଲୋକଙ୍କର କେଶ ପାଚିବା ସମସ୍ୟା ଦେଖାଯାଉଛି । ବୟସ ବଢ଼ିବା ସହିତ ମୁଣ୍ଡରେ କେଶ ଧଳା ହେବାକୁ ଲାଗେ । କିନ୍ତୁ, ବର୍ତ୍ତମାନ ଛୋଟପିଲା ହୁଅନ୍ତୁ କି ଯୁବକ, ଏମାନଙ୍କର ବି କେଶ ଧଳା ହେଉଥିବାର ଦେଖାଯାଉଛି । ଧଳା କେଶରୁ ମୁକ୍ତି ପାଇବାକୁ କିଏ କେଶକୁ କଳା ରଙ୍ଗ କରୁଛନ୍ତି ତ କେହି କେହି ୱିଗ୍ ବ୍ୟବହାର କରୁଛନ୍ତି । କିନ୍ତୁ, ଏଭଳି ସମାଧାନ କ୍ଷଣସ୍ଥାୟୀ । ଏଭଳି ସମସ୍ୟାରୁ ମୁକ୍ତି ପାଇବାକୁ ଆସନ୍ତୁ ଜାଣିବା କିଛି ଘରୋଇ ଉପଶମ ବିଷୟରେ-



କଳା ଜରା:- କଳା ଜିରାକୁ ଆମେ ଅନେକ ଖାଦ୍ୟ ପ୍ରସ୍ତୁତି ବେଳେ ବ୍ୟବହାର କରିଥାନ୍ତି । ଏହା ଆଣ୍ଟି ଫଙ୍ଗାଲ୍ ଗୁଣରେ ଭରପୂର । କେଶକୁ କଳା କରିବାକୁ କଳା ଜିରା ସବୁଠୁ ଉତ୍ତମ । ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନଥିବା ବେଳେ ଏହାକୁ ବାଟି ଲଗାଇଲେ ଏହା କେଶକୁ ଧଳା କରିବାରେ ସାହାଯ୍ୟ କରେ ।

କଳା ଜିରା ଓ ମେହେନ୍ଦୀ:- କଳା ଜିରା ଓ ମେହେନ୍ଦୀ ହେୟାର ମାସ୍କ କେଶ ପାଇଁ ଭଲ । ଏଥିପାଇଁ ମେହେନ୍ଦୀ ପାଉଡର ଓ କଳା ଜିରା ଗୁଣ୍ଡକୁ ପାଣିରେ ମିଶାଇ ଏହାର ପେଷ୍ଟ ପ୍ରସ୍ତୁତ କରି ଲଗାନ୍ତୁ । ଏହି ପେଷ୍ଟକୁ ମୁଣ୍ଡରେ ଲଗାଇ ଘଣ୍ଟାଏ ପାଇଁ ରଖି ଭଲଭାବେ ମୁଣ୍ଡ ଧୋଇନିଅନ୍ତୁ । ଏହା କେଶକୁ କଳା କରିବାରେ ସାହାଯ୍ୟ କରେ ।

କଳା ଜିରାର ତେଲ:- କେଶକୁ କଳା କରିବାକୁ ସବୁଠାରୁ ଉତ୍କୃଷ୍ଟ କଳା ଜିରାର ତେଲ । ଏହି ତେଲ ବଜାରରେ ମଧ୍ୟ ବିକ୍ରି ହେଉଛି । ଏହା ବ୍ୟତୀତ ନଡ଼ିଆ ତେଲରେ କଳା ଜିରା ପକାଇ ଫୁଟାନ୍ତୁ ଏବଂ ଏଥିରୁ ପ୍ରସ୍ତୁତ ତେଲକୁ ସପ୍ତାହକୁ ୨ ଥର ମୁଣ୍ଡରେ ଲଗାନ୍ତୁ । ଏହି ତେଲରେ ମୁଣ୍ଡକୁ ମାଲିସ୍ କରିବା ଫଳରେ କେଶ ମଜବୁତ୍ ହୁଏ । ଏଥିସହ କେଶ କଳା ହୁଏ ।

## ଶାଗୁ ଖିରି

ଆବଶ୍ୟକ ସାମଗ୍ରୀ: ଶାଗୁ, ଚିନି, କ୍ଷୀର, ଗୁଜରାତି, ଲୁଣ, ତେଜପତ୍ର, ପାଣି

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଶାଗୁ ଖିରି କରିବା ପାଇଁ ଶାଗୁକୁ ୩ରୁ୪ ଘଣ୍ଟା ପୂର୍ବରୁ ପାଣିରେ ଭିଜାଇ ଦିଅନ୍ତୁ। ପରେ କରେଇରେ ଅଳ୍ପ ପାଣି ଗରମ କରନ୍ତୁ। ସେଥିରେ ଅଳ୍ପ କ୍ଷୀର ମିଶାନ୍ତୁ। ପରେ ଭିଜାଇ ରଖିଥିବା ଶାଗୁକୁ ଧୋଇକି ସେଥିରେ ପକାଇ ଦେଇ ଗୋଳାଇ ଦିଅନ୍ତୁ। ପରେ ସେଥିରେ ଗୁଜରାତି ଗୁଣ୍ଡ, ତେଜପତ୍ର ଓ ଆବଶ୍ୟକ ଚିନି ପକାଇ ଦିଅନ୍ତୁ। ପରେ ତାକୁ ଭଲ ଭାବରେ ଗୋଳାଇ ଦିଅନ୍ତୁ। କିଛି ସମୟ ପରେ ତାକୁ ତଳକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଶାଗୁ ଖିରି।




ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଏହି ସମୟରେ ଥଣ୍ଡା ଜିନିଷ ଖାଇବାକୁ ସମସ୍ତଙ୍କୁ ଭଲ ଲାଗିଥାଏ। ଏହି ସମୟରେ ଘରେ ଶାଗୁ ଖିରି ଖାଇବା ଆବଶ୍ୟାକ। ଏହା ଶରୀର ପାଇଁ ଲାଭଦାୟକ।ଛୋଟ ପିଲାମାନେ ମଧ୍ୟ ଏହାକୁ ଖାଇପାରିବେ।

# ମହିଳାଙ୍କ ନିଦ ସମସ୍ୟା ବେଶି



ପୁରୁଷଙ୍କ ତୁଳନାରେ ମହିଳା ନିଦ ସମ୍ପର୍କିତ ସମସ୍ୟାର ଅଧିକ ସମ୍ମୁଖୀନ ହୁଅନ୍ତି । କାଲିଫର୍ଣ୍ଣିଆ ସ୍ଥିତ ଏସ୍ଆରଆଇ ରିସର୍ଚ୍ଚ ଇନ୍ଷ୍ଟିଚ୍ୟୁଟ୍‌ରେ ହ୍ୟୁମାନ୍ ସ୍ଲିପ୍ ରିସର୍ଚ୍ଚ ପ୍ରୋଗ୍ରାମ୍‌ର ନିର୍ଦ୍ଦେଶକ ଫିଓନା ବେକରଙ୍କ ଅନୁସାରେ, ମହିଳାଙ୍କଠାରେ ଏହି ସମସ୍ୟା କିଶୋରାବସ୍ଥାରେ ଆରମ୍ଭ ହୋଇ ଯୁବାବସ୍ଥା ପର୍ଯ୍ୟନ୍ତ ରହେ । ଋତୁସ୍ରାବ ସମୟରେ ହେଉଥିବା ହରମୋନ ପରିବର୍ତ୍ତନ ଯୋଗୁ ମହିଳାଙ୍କଠାରେ ଚିନ୍ତା ଓ ହାଲୁକା ଅବସାଦ ସମସ୍ୟା ଥାଏ ।

ଏଥିସହିତ ପେଟ ସମସ୍ୟା ମଧ୍ୟ ରହେ । ଏ ସବୁ ନିଦକୁ ପ୍ରଭାବିତ କରନ୍ତି । ଗର୍ଭାବସ୍ଥାରେ ମଧ୍ୟ ଶାରୀରିକ ସମସ୍ୟା ବଢ଼େ, ଯାହା ନିଦର ନିୟମିତତା ହ୍ରାସ କରେ । ମେନୋପଜ୍ ସମୟରେ ମଧ୍ୟ ହାରାହାରି ୭ ବର୍ଷ ପର୍ଯ୍ୟନ୍ତ ହରମୋନ ଜନିତ ପରିବର୍ତ୍ତନ ହୁଏ । ତାହା ମଧ୍ୟ ନିଦକୁ ପ୍ରଭାବିତ କରେ । ନିଦ ସମସ୍ୟାରେ ପୀଡ଼ିତ ମହିଳାଙ୍କ ପାଇଁ କଗ୍‌ନିଟିଭ୍ ଭିହେଭିୟରାଲ ଥେରାପି ଫଳପ୍ରଦ ହୋଇଥାଏ । ଏଥିରେ ମନୋବୈଜ୍ଞାନିକ ଓ ବ୍ୟବହାରାତ୍ମକ କୌଶଳର ଉପଯୋଗ କରାଯାଏ । ନକାରାତ୍ମକ ବିଚାରଗୁଡ଼ିକୁ ହ୍ରାସ କରି, ଯୋଗ ଏବଂ ଧ୍ୟାନ, ନିଦ ସମୟରେ ପରିବର୍ତ୍ତନ ଆଦି ଦ୍ୱାରା ଏହି ସମସ୍ୟା ଦୂର କରାଯାଏ । ହରମୋନ ରିପ୍ଲେସ୍‌ମେଣ୍ଟ ଥେରାପି ମଧ୍ୟ ଲାଭକର । ଏଥିରେ ମେନୋପଜ୍ ସମୟରେ ହ୍ରାସ ପାଉଥିବା ହରମୋନକୁ ସପ୍ଲିମେଣ୍ଟ୍ ମାଧ୍ୟମରେ ପୂରଣ କରାଯାଏ ।



# ଖରାଦିନେ ମୁହଁର ଚମକ ବଜାୟ ରଖିବାର ଉପାୟ

ଖରାଦିନେ ଶରୀରର ଯତ୍ନ ନେବା ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଯାଏ। ସୂର୍ଯ୍ୟକିରଣ ଏବଂ ପ୍ରଦୂଷଣ ଆମ ଚର୍ମ ଉପରେ ଖରାପ ପ୍ରଭାବ ପକାଏ। ଏହି ଋତୁରେ ଆପଣ କ୍ଷୀର ସହିତ ଆପଣଙ୍କ ତ୍ୱଚାକୁ ସୁନ୍ଦର କରିପାରିବେ। ଆମ ରୋଷେଇ ଘରେ କଞ୍ଚା କ୍ଷୀର ସହଜରେ ମିଳିଯାଏ। ଏଥିରେ ଥିବା ଲାକ୍ଟିକ୍ ଏସିଡ୍,ଭିଟାମିନ୍ ଏବଂ ଖଣିଜ ପଦାର୍ଥ ତ୍ୱଚାକୁ ମାଇଶ୍ଚରାଇଜ୍ କରିବାରେ ସାହାଯ୍ୟ କରେ, ଏହାକୁ ନରମ ଏବଂ ଉଜ୍ଜ୍ୱଳ କରିଥାଏ।

କଞ୍ଚା କ୍ଷୀର ଏକ ପ୍ରାକୃତିକ ବ୍ଲିଚିଂ ଏଜେଣ୍ଟ। ଏଥିରେ ଲାକ୍ଟିକ୍ ଏସିଡ୍ ମିଳିଥାଏ,ଯାହା ତ୍ୱଚାକୁ ଏକ୍ସଫୋଲିଏଟ୍ କରିବାରେ କାମ କରେ। ଏହା ଚର୍ମରୁ ମୃତ କୋଷଗୁଡ଼ିକୁ ବାହାର କରିବାରେ ସାହାଯ୍ୟ କରେ ଏବଂ ନୂତନ କୋଷଗୁଡ଼ିକର ବୃଦ୍ଧିକୁ ପ୍ରୋତ୍ସାହିତ କରେ। ଏହା ବ୍ୟତୀତ କଞ୍ଚା କ୍ଷୀରରେ ଆର୍ଦ୍ରତା ବଜାୟ ରଖିବାର କ୍ଷମତା ଥାଏ, ଯାହା ଚର୍ମକୁ ନରମ ଏବଂ ହାଇଡ୍ରେଟେଡ୍ ରଖିବାରେ ସାହାଯ୍ୟ କରେ। ତେବେ ଆସନ୍ତୁ ଜାଣିବା ତ୍ୱଚା ଯତ୍ନରେ କଞ୍ଚା କ୍ଷୀର କିପରି ବ୍ୟବହାର କରିବେ।

**ମୁହଁରେ ଲଗାନ୍ତୁ**

ସର୍ବପ୍ରଥମେ କଞ୍ଚା କ୍ଷୀରକୁ ଏକ ତୁଳାରେ ଲଗାନ୍ତୁ ଏବଂ ଏହାକୁ ହାଲୁକା ହାତରେ ମୁହଁରେ ଲଗାନ୍ତୁ। ଏହା କେବଳ ଆପଣଙ୍କ ଚର୍ମକୁ ମଇଶ୍ଚରାଇଜ କରିବ ନାହିଁ ବରଂ ଚର୍ମରୁ ମଇଳା ଏବଂ ଅତିରିକ୍ତ ତେଲ ମଧ୍ୟ ଦୂର କରିବ। ଆପଣଙ୍କ ତ୍ୱଚାକୁ ସଫା ଏବଂ ସତେଜ ରଖିବା ପାଇଁ ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ କଞ୍ଚା କ୍ଷୀର ବ୍ୟବହାର କରନ୍ତୁ।

**କଞ୍ଚା କ୍ଷୀର ଏବଂ ମହୁ**

କଞ୍ଚା କ୍ଷୀର ଏବଂ ମହୁ ଉଭୟ ତ୍ୱଚା ପାଇଁ ବହୁତ ଲାଭଦାୟକ। ମହୁରେ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଚର୍ମକୁ କ୍ଷତିରୁ ରକ୍ଷା କରେ। ଏହି ପ୍ୟାକ୍ ତିଆରି କରିବା ପାଇଁ, ଗୋଟିଏ ଚାମଚ ମହୁ ସହିତ ଗୋଟିଏ ଚାମଚ କଞ୍ଚା କ୍ଷୀର ମିଶାଇ ମିଶ୍ରଣକୁ ଭଲ ଭାବରେ ପ୍ରସ୍ତୁତ କରନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାନ୍ତୁ ଏବଂ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ଶୁଖିବାକୁ ଦିଅନ୍ତୁ। ତା'ପରେ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହି ପ୍ୟାକ୍ ଆପଣଙ୍କ ତ୍ୱଚାକୁ ସୁନ୍ଦର କରିବା ସହିତ ଏହାକୁ ନରମ ଏବଂ ମସୃଣ କରିବ।

**କଞ୍ଚା କ୍ଷୀର ଏବଂ ବେସନ**

କଞ୍ଚା କ୍ଷୀର ଏବଂ ବେସନର ମିଶ୍ରଣ ମଧ୍ୟ ତ୍ୱଚା ପାଇଁ ବହୁତ ଲାଭଦାୟକ। ଏହି ପ୍ୟାକ୍ ମୁହଁରୁ ଅତିରିକ୍ତ ତେଲ ଦୂର କରିଥାଏ। ଏହାକୁ ତିଆରି କରିବା ପାଇଁ, ୧-୨ ଚାମଚ ବେସନ ଏବଂ କିଛି କଞ୍ଚା କ୍ଷୀର ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାନ୍ତୁ ଏବଂ ୧୦-୧୫ମିନିଟ୍ ପର୍ଯ୍ୟନ୍ତ ଶୁଖିବାକୁ ଦିଅନ୍ତୁ। ତା'ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ। ଏହି ପ୍ୟାକ୍ ତ୍ୱଚାର ସ୍ୱରକୁ ଉନ୍ନତ କରିବା ଏବଂ ଏହାକୁ ନରମ କରିବାରେ ସାହାଯ୍ୟ କରେ।

## ଧନ ବଢ଼ିବ କିପରି ?

ଧନ ଓ ସମୃଦ୍ଧିର ଦେବତା କୁବେର ହେଉଛନ୍ତି ଉତ୍ତର ଦିଗର ସ୍ୱାମୀ। ସେଥିପାଇଁ ଘରର ଆଲମିରା ତଥା ଟ୍ରେଜେରିକୁ ଏହି ଦିଗରେ ରଖିବା ଦ୍ୱାରା ଘରେ ଧନବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ବାସ୍ତୁଶାସ୍ତ୍ର ଅନୁଯାୟୀ, ଉତ୍ତର ଦିଗରେ ଯଦି ନୀଳ ରଙ୍ଗର କୌଣସି ଏକ ଆର୍ଟିଫିସିଆଲ୍ ପିରାମିଡ୍‌କୁ ରଖି ଦିଆଯାଏ, ତା'ହେଲେ ବି ଏହା ଧନବୃଦ୍ଧି କରିବାରେ ବିଶେଷ ସହାୟକ ହୋଇଥାଏ। ପିରାମିଡ୍ ନ ମିଳିଲେ ତା'ପରିବର୍ତ୍ତେ ଏହି ଦିଗର କାନ୍ଥକୁ ନୀଳ ରଙ୍ଗରେ ପେଣ୍ଟ୍ ମଧ୍ୟ କରିପାରିବେ। ଅନ୍ୟପକ୍ଷେ, ଉତ୍ତର ଦିଗରେ କାଚ ବାଉଲ୍‌ରେ କିଛି ରୁପା କଏନ୍ ଭର୍ତ୍ତି କରି ରଖିଲେ ଘର ଉପରେ ମା' ଲକ୍ଷ୍ମୀଙ୍କର କୃପା ଦୃଷ୍ଟି ରହେ ବୋଲି ବିଶ୍ୱାସ ରହିଛି। ଏହାଛଡ଼ା ଘରର ଉତ୍ତର-ପୂର୍ବ ଦିଗରେ ଭଗବାନ ଗଣେଶ ଓ ମା' ଲକ୍ଷ୍ମୀଙ୍କର ମୂର୍ତ୍ତି ରଖି ସେଠାରେ ପ୍ରତିଦିନ ଦୀପ ଜାଳିଲେ ଘରେ କେବେ ଟଙ୍କା ପଇସା ଅଭାବ ଦେଖାଯାଇ ନ ଥାଏ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି। ସେହିପରି ଘରର ମୁଖିଆ ଯଦି ଘରର ଉତ୍ତର ଦିଗରେ ତୁଳସୀ ଗଛ ହେଉ ଅବା ଅଁଳା ଗଛଟିଏ ଲଗାଇଥାନ୍ତି, ତା'ହେଲେ ପରିବାରର ମଙ୍ଗଳ ହେବା ସହ ଘରେ ଐଶ୍ୱର୍ଯ୍ୟ ବୃଦ୍ଧି ହୋଇଥାଏ ବୋଲି ମାନ୍ୟତା ରହିଛି।



# ଏ ସବୁ ଝିଅଙ୍କୁ ଭୁଲ୍‌ରେ କରନ୍ତୁ ନାହିଁ ବିବାହ

ବିବାହ ପାଇଁ ଭଲ ଝିଅ ଖୋଜିବା ସହଜ କଥା ନୁହେଁ। ଆଜିର ସମୟରେ ଅଧିକାଂଶ ପୁଅ ସୌନ୍ଦର୍ଯ୍ୟ ଦେଖିବା ପରେ ଝିଅକୁ ବିବାହ କରିବାକୁ ରାଜି ହୁଅନ୍ତି। କିଛିଦିନ ପରେ ସେମାନେ ବିବାହ କରି କେତେ ବଡ଼ ଭୁଲ କରିଛନ୍ତି। ଅନୁତାପ କରନ୍ତି। ଏଥିସହିତ ବେଳେବେଳେ ଯୌତୁକ ଲୋଭରେ ପରିବାର ସଦସ୍ୟମାନେ ପୁଅକୁ ଯାଞ୍ଚ ନ କରି କୌଣସି ଝିଅ ସହିତ ବିବାହ କରିଦିଅନ୍ତି। ପରେ ଘରେ ପ୍ରତିଦିନ ଝଗଡ଼ାର ସାମ୍ନା କରନ୍ତି।

ବିବାହ ପାଇଁ ଝିଅ ବାଛିବା ବେଳେ ନିଶ୍ଚିତ ଆଚାର୍ଯ୍ୟ ମହାନ ପଣ୍ଡିତ ଚାଣକ୍ୟଙ୍କ ନୀତିରେ ଉଲ୍ଲେଖ କରାଯାଇଥିବା କିଛି କଥାକୁ ଧ୍ୟାନ ଦେଲେ ଏପରି ସମସ୍ୟାରୁ ମୁକ୍ତି ପାଇପାରିବେ।



ଚାଣକ୍ୟ ତାଙ୍କ ନୀତିରେ କହିଛନ୍ତି, ଯିଏ ନିଜ ଜାତିର ନୁହଁ କିମ୍ବା ନିମ୍ନଜାତିର ଏପରି ଝିଅଙ୍କୁ ବିବାହ କରିବା ଉଚିତ ନୁହେଁ। କାରଣ ସେହି ଝିଅମାନଙ୍କ ମଧ୍ୟରେ ସଂସ୍କୃତିର ସ୍ତର ମଧ୍ୟ ସମାନ ଢଙ୍ଗରେ କମ୍ ରହିଥାଏ। ତାଙ୍କ ଉଠିବା ଏବଂ ବସିବା, କହିବା ଏବଂ କଥାରେ ପ୍ରତିଫଳିତ ହୁଏ। ଯେତେବେଳେ ଏହାକୁ ଅଣଦେଖା କରି ବିବାହ ହୁଏ ସେତେବେଳେ ଘରେ ଅସନ୍ତୋଷ ଦେଖାଦେଇଥାଏ।

ଯେଉଁ ଝିଅର ଧାର୍ମିକ କାର୍ଯ୍ୟରେ ବିଶ୍ୱାସ ରହିଥାଏ, ଏପରି ଝିଅଙ୍କୁ ଜୀବନ ସାଥୀ କରିବା ସର୍ବୋତ୍ତମ ଅଟେ। ଯେଉଁ ଝିଅମାନଙ୍କର ଧର୍ମ ଏବଂ କର୍ମ ବିଷୟରେ ଜ୍ଞାନ ନାହିଁ, ଏହିପରି ଝିଅମାନେ ଘର ଭାଙ୍ଗିଥାନ୍ତି। ସେ ତାଙ୍କ ପରିବାର ସଦସ୍ୟଙ୍କ ଅପେକ୍ଷା ସେହି ଲୋକମାନଙ୍କ ପାଇଁ ଅଧିକ ପ୍ରିୟ, ଯେଉଁମାନେ ତାଙ୍କୁ ଖୁସି କରିବାକୁ ମିଥ୍ୟା ପ୍ରଶଂସା କରନ୍ତି।

ବିବାହ ପାଇଁ ଏପରି ଝିଅ ବାଛିବା ପାଇଁ ଆଚାର୍ଯ୍ୟ ଚାଣକ୍ୟ ପରାମର୍ଶ ଦେଇଛନ୍ତି, ଯିଏ ଶାନ୍ତ ପ୍ରକୃତିର, ଯିଏ ପ୍ରତ୍ୟେକ ପ୍ରସଙ୍ଗରେ କ୍ରୋଧ କରନ୍ତି ନାହିଁ। କାରଣ କ୍ରୋଧିତ ମନୋଭାବର ଝିଅମାନଙ୍କର ନିଜ କଥା ଉପରେ କୌଣସି ନିୟନ୍ତ୍ରଣ ନାହିଁ। ଯେଉଁ କାରଣରୁ ଘରର ସମ୍ପର୍କ ବିଗିଡ଼ିବାରେ ଲାଗେ। ତାଙ୍କର ଏହି ପ୍ରକୃତି ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରିଥାଏ।

ଏମିତି ଝିଅକୁ କେବେବି ବିବାହ କର ନାହିଁ ଯିଏ ନିଜେ ବିବାହ ପାଇଁ ପ୍ରସ୍ତୁତ ନ ଥାନ୍ତି। କେବଳ ମାତାପିତାଙ୍କ ଚାପରେ ସେ ବିବାହ କରିବାକୁ ରାଜି ହୋଇଥାନ୍ତି। କାରଣ ଏହିପରି ଝିଅମାନଙ୍କର କୌଣସି ଆତ୍ମବିଶ୍ୱାସ ନ ଥାଏ। ଘର ଏବଂ ସମ୍ପର୍କର ଯତ୍ନ ନେବାକୁ ସେମାନଙ୍କୁ ଆଶା କରିବା ଅତ୍ୟନ୍ତ ବିପଦଜନକ ଅଟେ। ସେ କେବେବି କାହାକୁ ସମ୍ମାନ କରନ୍ତି ନାହିଁ।

## ବ୍ଲିଚିଂ କରାଉଥିଲେ...

ବ୍ଲିଚିଂ ଦ୍ୱାରା ସୌନ୍ଦର୍ଯ୍ୟ ବୃଦ୍ଧି ପାଏ, ତେଣୁ ବ୍ୟକ୍ତିତ୍ୱ ମଧ୍ୟ ଆକର୍ଷଣୀୟ ହୁଏ । କିନ୍ତୁ ବ୍ଲିଚିଂ କରିବା ଏତେ ସହଜ କାମ ନୁହେଁ । ଏହା ମଧ୍ୟ ଏକ କଳା । ଏଥିପାଇଁ ସର୍ବ ପ୍ରଥମେ ତ୍ୱଚାର ପ୍ରକାର ଜାଣିବାକୁ ପଡ଼େ । ତା'ପରେ ସେହି ଅନୁସାରେ ବିଭିନ୍ନ ପ୍ରକାରର ବ୍ଲିଚ୍ ପ୍ରୟୋଗ କରାଯାଏ । ବ୍ଲିଚିଂ କରାଉଥିଲେ ନିମ୍ନଲିଖିତ କେତୋଟି କଥା ପ୍ରତି ଧ୍ୟାନ ଦିଅନ୍ତୁ.... ।

ବ୍ଲିଚିଂ ପୂର୍ବରୁ ତ୍ୱଚାକୁ ନିଶ୍ଚିତ ଭାବେ କ୍ଲିନଜ୍‌ରରେ ସଫା କରନ୍ତୁ ।

ବ୍ଲିଚିଂ ଆରମ୍ଭ କରିବା ପୂର୍ବରୁ ପ୍ରି-ବ୍ଲିଚ୍ କ୍ରିମରେ ତ୍ୱଚାକୁ ଭଲଭାବେ ଘଷନ୍ତୁ ।

ଯେ କୌଣସି ବ୍ଲିଚିଂ କ୍ରିମ ବ୍ୟବହାର କରିବା ପୂର୍ବରୁ ତା'ର ଉପଯୋଗ ନେଇ ଦିଆଯାଇଥିବା ନିର୍ଦ୍ଦେଶାବଳୀ ପଢ଼ନ୍ତୁ ।

ଗରମ ପାଣିରେ ଗାଧୋଇବା ସାଙ୍ଗେ ସାଙ୍ଗେ କେବେ ମଧ୍ୟ ବ୍ଲିଚିଂ କରାନ୍ତୁ ନାହିଁ ।

ଯଦି ମୁହଁରେ ବ୍ରଣ ହୋଇଛି, ତେବେ ଆଦୌ ବ୍ଲିଚିଂ କରାନ୍ତୁନି, କାରଣ ଏହା ଦ୍ୱାରା ତାହା ଅଧିକ ସ୍ଥାନକୁ ବ୍ୟାପିପାରେ ।

ବ୍ଲିଚ୍ ମିକ୍ସଚରକୁ ଭଲଭାବେ ମିଶାନ୍ତୁ ଓ ମିଶାଇବା ପରେ ବେଶି ସମୟ ନରଖି ତୁରନ୍ତ ଲଗାନ୍ତୁ ।

ବ୍ଲିଚ୍‌କୁ ଭଲ ପାତ୍ରରେ ରଖନ୍ତୁ ।

ମିକ୍ସଚର ତିଆରି ବେଳେ କେବେହେଲେ ଧାତୁ ପାତ୍ର ବା ଚାମଚ ବ୍ୟବହାର କରନ୍ତୁ ନାହିଁ ।

ନିର୍ଦ୍ଦେଶାନୁସାରେ ଏକ୍ଟିଭେଟର ପାଉଡ଼ର ବ୍ୟବହାର କରନ୍ତୁ । ଆବଶ୍ୟକତାଠୁ ଅଧିକ ବ୍ୟବହାର କଲେ ତ୍ୱଚାରେ କୁପ୍ରଭାବ ପଡ଼ିପାରେ ।

ବ୍ଲିଚିଂ ପରେ ଯଦି ତ୍ୱଚାରେ କେଉଁଠି କେଉଁଠି ଧଳା ପ୍ୟାଚ ଦେଖାଯାଏ, ତେବେ ଜାଣନ୍ତୁ ସେହି ସ୍ଥାନରେ ଅଧିକ ବ୍ଲିଚିଂ ହୋଇଛି ।

ବ୍ଲିଚିଂ କରିବା ପରେ ସନଗାର୍ଡ଼ କ୍ରିମ ଲଗାଇ ହିଁ ଖରାକୁ ଯାଆନ୍ତୁ ।

ବ୍ଲିଚ୍ କ୍ରିମ୍ କୁ ଆଖି ଓ ତା' ଚାରିପାଖରେ ଆଦୌ ଲଗାନ୍ତୁନି ।

*ଅନୁପମା ଭୂୟାଁ*
*'ସାଇବିଥି' ୭ଡି/୧୩୫୪, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୯୩୭୫୮୧୭୦୭*

# ଡାର୍କ ସର୍କଲରୁ ପାଇବେ ମୁକ୍ତି, ଅଳ୍ପ ଦିନରେ ଦେଖିବେ ଫରକ


ଡାର୍କ ସର୍କଲ ଏକ ସାଧାରଣ ସମସ୍ୟା ଅଟେ, ଯାହା ମୁଁହର ସୁନ୍ଦରତାକୁ କମ୍ କରିଦେଇଥାଏ। ଅଧିକ ଡାର୍କସର୍କଲ ହେବାଦ୍ୱାରା ମୁଁହ ଅତ୍ୟନ୍ତ ଖରାପ ଦେଖାଯାଇଥାଏ। ଏହାଦ୍ୱାରା ବହୁତଲୋକ ଚିନ୍ତିତ ରହିଥାନ୍ତି। କିଛିଲୋକ ଏହାକୁ କମ୍ କରିବା ପାଇଁ ମେଡିକାଲ ଟ୍ରିଟମେଣ୍ଟ ମଧ୍ୟ କରାଇଥାନ୍ତି। ତଥାପି କୌଣସି ଫରକ୍ ଜଣାପଡିନଥାଏ। ଯଦି ଆପଣ ଏହି ଡାର୍କସର୍କଲ ଠାରୁ ଚିନ୍ତିତ ଅଛନ୍ତି, ତେବେ କିଛି ଘରୋଇ ଉପଚାର ଆପଣାନ୍ତୁ। ଏପରି କରିବା ଦ୍ୱାରା ଆପଣ ଏହି ଚିନ୍ତାରୁ ମୁକ୍ତି ପାଇପାରିବେ।

ଡାର୍କ ସର୍କଲର ଚିକିତ୍ସା:-

ଏହା ଏକ ସାଧାରଣ ସମସ୍ୟା ଅଟେ। ଯାହା କମ୍ ଶୋଇବା, ଥକାପଣ, ବିଷାଦଗ୍ରସ୍ତ ରହିବା ଅଥବା ବାହାରର ଖାଦ୍ୟ ଖାଇବା କାରଣରୁ ହୋଇପାରେ। ଅନେକଥର ଏହା ଅଧିକ ଔଷଧ ଖାଇବା ଦ୍ୱାରା ମଧ୍ୟ ହୋଇଥାଏ। ଏହାଠାରୁ ବଞ୍ଚିବା ପାଇଁ ଥଣ୍ଡା ଜିନିଷର ବ୍ୟବହାର କରନ୍ତୁ । ଆଖିର ତଳ ଭାଗରେ କାକୁଡି ଲଗାନ୍ତୁ। ଏପରି କରିବା ଦ୍ୱାରା ଡାର୍କ ସର୍କଲରୁ ଆରାମ ମିଳିବ। ଏହାଛଡା ଆଳୁକୁ ପତଳା କରି କାଟି ଆଖିରେ ରଖନ୍ତୁ ବା ଆଖିତଳେ ଘସନ୍ତୁ। ଏହା ଆଖିତଳର ଫୁଲିବା ଏବଂ କଳାପଣକୁ କମ୍ କରିଥାଏ।

ଆଲୋଭେରା ଜେଲ୍ ର ବ୍ୟବହାର:-

ଡାର୍କସର୍କଲକୁ କମାଇବାରେ ଆଲୋଭେରା ଜେଲ୍ ବହୁତ ସହାୟକ ହୋଇଥାଏ। ଏଥିରେ ମଏଶ୍ଚରାଇଜିଙ୍ଗ ଗୁଣ ରହିଥାଏ, ଯାହା ଆଖିତଳର କଳାପଣକୁ କମାଇବାରେ ସାହାଯ୍ୟ କରିଥାଏ। ପ୍ରତ୍ୟେକ ଦିନ ରାତିରେ ଶୋଇବା ପୂର୍ବରୁ ଆଖିତଳେ ଆଲୋଭେରା ଜେଲ୍ ଲଗାନ୍ତୁ ଏବଂ ପରଦିନ ସକାଳୁ ଉଠି ସଫା ପାଣିରେ ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ଅଳ୍ପଦିନରେ ଆପଣଙ୍କ ଡାର୍କସର୍କଲ କମ୍ ହୋଇଯିବ।



ଗୋଲପାଜଳର ବ୍ୟବହାର:-

ଆପଣ ଗୋଲପାଜଳ ମଧ୍ୟ ବ୍ୟବହାର କରି ପାରିବେ। ଏଥିରେ ଏଣ୍ଟିଇନ୍‌ଫ୍ଲାମେଟାରୀ ଏବଂ କୁଲିଂ ଗୁଣ ରହିଛି, ଯାହା ଡାର୍କ ସର୍କଲକୁ କମ୍ କରିବାରେ ସାହାଯ୍ୟ କରିଥାଏ। ଏହାକୁ ତୁଳା ସାହାଯ୍ୟରେ ଲଗାନ୍ତୁ । ତୁଳାକୁ ଗୋଲପାଜଳରେ ଅଳ୍ପ ଭିଜାଇ ଆଖି ତଳେ ୧୦ରୁ ୧୫ ମିନିଟ ରଖନ୍ତୁ।

ଲେମ୍ବୁରସ:-

ଏହାଛଡା ଲେମ୍ବୁରସ ମଧ୍ୟ ବହୁତ ଉପଯୋଗୀ ହୋଇଥାଏ। ଏଥିରେ ଭିଟାମିନ ସି ରହିଥାଏ, ଯାହା କଳାପଣକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଲେମ୍ବୁରସକୁ ୧୦ମିନିଟ ପର୍ଯ୍ୟନ୍ତ ଅଖିତଳେ ଲଗାନ୍ତୁ। ପରେ ସଫା ପାଣିରେ ମୁଁହ ଭଲ ଭାବରେ ଧୋଇ ନିଅନ୍ତୁ। ଏହି ଘରୋଇ ଉପାୟଦ୍ୱାରା ଆପଣ ଆଖି ତଳର କଳା ପଣକୁ କମ୍ କରିପାରିବେ। ଏହାଛଡା ରାତିରେ ଅତି କମ୍ରେ ୭ରୁ ୮ ଘଣ୍ଟା ଶୁଅନ୍ତୁ । ଏକ ସନ୍ତୁଳିତ ଆହାର ଏବଂ ଉତ୍ତମ ଜୀବନଶୈଳୀକୁ ଅନୁସରଣ କରନ୍ତୁ। ତେବେ ଦିନରେ ୭ରୁ ୮ ଗ୍ଲାସ୍ ପାଣି ପିଆନ୍ତୁ। ଏହାଦ୍ୱାରା ଆପଣଙ୍କ ଶରୀର ହାଇଡ୍ରେଟେଡ୍ ରହିବ ଏବଂ କଳାପଣ ଦୂର ହେବ । ମାନସିକ ବିଷାଦରୁ ବଞ୍ଚନ୍ତୁ। କିଛି ଲୋକଙ୍କୁ ଏହି ଉପାୟ ଦ୍ୱାରା ଏଲାର୍ଜୀ ହୋଇପାରେ। ଯଦି ଏପରି ହୁଏ ,ତେବେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

ମାତୃଭାଷା

# ଖେଳ ଖବର



## ସକାଳେ କୋଚ୍‌ଙ୍କ ସହ କଥା ହେଲେ ରାତିରେ ବିସ୍ଫୋରଣ



**ଜୟପୁର, ୨୯ ।୪:** ରାଜସ୍ଥାନ ରୟାଲ୍ସର ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ନାମ ଏବେ ସବୁ କ୍ରିକେଟ ଫ୍ୟାନ ଜାଣି ସାରିଛନ୍ତି । ଟି-୨୦ କ୍ରିକେଟରେ ସର୍ବକନିଷ୍ଠ ଦ୍ରୁତତମ ଶତକହାସଲକାରୀ ହୋଇଛନ୍ତି । ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଧୂଆଁଧାର ଇନିଂସ ଖେଳିଥିଲେ ବୈଭବ । ୩୫ ବଲରେ ଶତକ ହାସଲ କରିଥିଲେ । ସେଥିରେ ୧୧ ଛକା, ୭ ଚୌକା ସାମିଲ ଥିଲା । ମ୍ୟାଚ ପୂର୍ବରୁ ସେ ସକାଳେ ତାଙ୍କ କୋଚଙ୍କ ସହିତ କଥା ହୋଇଥିଲେ । ତାଙ୍କୁ କହିଥିଲେ ଆଜି ଏକ ବଡ଼ ପାଳି ଖେଳିବି । ଆଉ ତାହା ସତ ହେଲା । ଜୟପୁରର ସୱାଇ ମାନସିଂ ଷ୍ଟାଡିୟମରେ ବୈଭବ ବିସ୍ଫୋରଣ ଦେଖିବାକୁ ମିଳିଥିଲା । ଏକ ଐତିହାସିକ ଇନିଂସ ଖେଳିଥିଲେ ବୈଭବ ଯାହାକୁ କେହି ଭୁଲିପାରିବେ ନାହିଁ ।

'ସାର୍ ମୁଁ ମାରିବି'- ଗୁଜରାଟ ବିପକ୍ଷ ମ୍ୟାଚ ପୂର୍ବରୁ ବୈଭବ ସୂର୍ଯ୍ୟବଂଶୀ ତାଙ୍କ କୋଚ୍ ମନୀଷ ଓଝାଙ୍କ ସହିତ କଥା ହୋଇଥିଲେ । ତାଙ୍କୁ କହିଥିଲେ, 'ସାର୍ ଆଜି ମୁଁ ମାରିବି । ବଡ଼ ଇନିଂସ ଖେଳିବି ।' ଉତ୍ତରରେ ତାଙ୍କ କୋଚ୍ କହିଥିଲେ, ମାରିବ, ହେଲେ ୱିକେଟ ହରାଇବନି । ଦେଖିଚାହିଁ ଖେଳିବ ଯଶସୀଙ୍କ ସହିତ କଥା ହେବ ।''

ଆଉ ତାହା ହିଁ ହେଲା । ଗ୍ରାଉଣ୍ଡରେ ବୈଭବ ବିସ୍ଫୋରଣ ଦେଖିବାକୁ ମିଳିଥିଲା । ଗୁଜରାଟ ବୋଲରଙ୍କୁ ନିର୍ଦ୍ଧୁମ ପିଟିଥିଲେ । ସାମ୍ନାରେ ମହମ୍ମଦ ସିରାଜ, ଇଶାନ୍ତ ଶର୍ମାଙ୍କ ପରି ଦକ୍ଷ ବୋଲର ଥିଲେ । ହେଲେ କାହାକୁ ଡରି ନଥିଲେ ସୂର୍ଯ୍ୟବଂଶୀ । ଶତକବୀର ବୈଭବ ୧୧ ଛକା ୭ ଚୌକା ମାରିଥିଲେ ।

### ଚାରିଆଡୁ ସାଉଁଣ୍ଟୁଛନ୍ତି ପ୍ରଶଂସା

ଆଇପିଏଲରେ ପ୍ରଥମ ଭାରତୀୟ ଭାବେ ୨୦୧୦ରେ ଦ୍ରୁତତମ ଶତକ ହାସଲ କରି ୟୁସୁଫ୍ ପଠାନଙ୍କ ରେକର୍ଡକୁ ଭାଙ୍ଗି କିର୍ତ୍ତୀମାନ ସ୍ଥାପନ କରିଛନ୍ତି । ୧୦୧ ରନର ଧୂଆଁଧାର ଇନିଂସ ଖେଳିଥିବା ବୈଭବ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ ।

ଅନେକ ପ୍ରତିଭାବାନ ଖେଳାଳି ତିଆରି କରିଥିବା ଆଇପିଏଲରେ ଆଜି ଆଉ ଜଣେ ଯୁବ ବ୍ୟାଟିଂ ବିସ୍ମୟଙ୍କ ଆବିର୍ଭାବ ହୋଇଛି । ସେ ହେଉଛନ୍ତି ବୈଭବ ସୂର୍ଯ୍ୟବଂଶୀ । ମାତ୍ର ୧୪ ବର୍ଷ ୩୨ ଦିନ ବୟସରେ ସେ କନିଷ୍ଠ ଖେଳାଳି ଭାବେ ଦ୍ରୁତତମ ଶତକ ରେକର୍ଡ ଭାଙ୍ଗିଛନ୍ତି । ଭାରତୀୟ କ୍ରିକେଟର ଆଗାମୀ ଭବିଷ୍ୟତ ଭାବେ ଉଭା ହୋଇଛନ୍ତି । ତାଙ୍କ ବ୍ୟାଟି ବଳରେ ରାଜସ୍ଥାନ ରୟାଲ୍ସ ବିଜୟ ଧାରାକୁ ଫେରିଛି । ଦଳର ପ୍ଲେ ଅଫ୍ ଆଶା ଉଜ୍ଜୀବିତ ହୋଇଛି ।

## ଦିଲ୍ଲୀକୁ ୨୦୫ ବିଜୟଲକ୍ଷ୍ୟ ଦେଲା କୋଲକାତା



**ନୂଆଦିଲ୍ଲୀ, ୨୯ ।୪:** ଆଇପିଏଲ୍ ୨୦୨୫ର ୪୮ ତମ ମ୍ୟାଚ୍ ନୂଆଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ କୋଲକାତା ନାଇଟ ରାଇଡର୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଛି । ଲାଗୁଥିଲା ଯେ କେକେଆର୍ ଆଜି ୨୨୫ ରୁ ଅଧିକ ସ୍କୋର କରିବ, କିନ୍ତୁ ଶେଷ ଓଭରରେ ଦିଲ୍ଲୀ ଏକ ଦମଦାର ପ୍ରଦର୍ଶନ କରିଥିଲା । ପାୱାର ପ୍ଲେରେ ୭୬ ରନ୍ ସଂଗ୍ରହ କରିଥିବା କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୯ ୱିକେଟ୍ ହରାଇ ୨୦୪ ରନ୍ ସ୍କୋର କରିପାରିଛି ।

### ଷ୍ଟାର୍କଙ୍କୁ ୩ ୱିକେଟ୍

କେକେଆର ପକ୍ଷରୁ ଗୁରୁବାଜ ୧୨ ବଲରେ ୨୬ ରନ୍, ସୁନୀଲ ନାରିନ ୧୬ ବଲ୍‌ରେ ୨୭ ରନ ଏବଂ ଅଜିଙ୍କ୍ୟ ରାହାଣେ ୧୪ ବଲରେ ୨୬ ରନ ସ୍କୋର କରିଥିଲେ । ଭେଙ୍କଟେଶ ଆୟର୍ ମାତ୍ର ସାତ ରନ୍ ସ୍କୋର କରିଥିଲେ । ପ୍ରଥମ ୯ ଓଭରରେ କେକେଆରର ସ୍କୋର ୧୧୧ ରନ୍ ଥିଲା । ତେବେ ଅନ୍ତିମ ୧୧ ଓଭରରେ କେବଳ ୯୩ ରନ୍ କରିଥିଲା କେକେଆ । ରିଙ୍କୁ ସିଂ ୨୫ ବଲରେ ୩୬ ରନ୍ ଏବଂ ଅଙ୍ଗକ୍ରିଶ ରଘୁବଂଶୀ ୩୨ ବଲରେ ୪୪ ରନ୍ ସଂଗ୍ରହ କରିଥିଲେ । ମିଚେଲ ଷ୍ଟାର୍କ ଦିଲ୍ଲୀ ପକ୍ଷରୁ ୩ଟି ୱିକେଟ୍ ନେଇଥିବା ବେଳେ ବିପରାଜ ନିଗମ ଏବଂ ଅକ୍ଷର ପଟେଲ ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ ।

| କୋଲକାତା ଇନିଂସ: ୨୦୪/୯ (୨୦ ଓଭର) | | | |
|---|---|---|---|
| ରହମନୁଲ୍ଲା ଗୁରବାଜ | କ୍ୟା ପୋରେଲ ବୋ ଷ୍ଟାର୍କ | ୨୬ | ୧୨ |
| ସୁନୀଲ ନାରିନ | ଏଲବି ବୋ ବିପରାଜ | ୨୭ | ୧୬ |
| ଆଜିଙ୍କ୍ୟ ରାହାଣେ | ଏଲବି ବୋ ଅକ୍ସର | ୨୬ | ୧୪ |
| ଅଙ୍ଗକ୍ରିଷ ରଘୁବଂଶୀ | କ୍ୟା ନାୟାର ବୋ ଚମିରା | ୪୪ | ୩୨ |
| ଭେଙ୍କଟେଶ ଆୟର | କ୍ୟା ବିପରାଜ ବୋ ଅକ୍ସର | ୦୭ | ୦୫ |
| ରିଙ୍କୁ ସିଂହ | କ୍ୟା ଷ୍ଟାର୍କ ବୋ ବିପରାଜ | ୩୬ | ୨୫ |
| ଆନ୍ଦ୍ରେ ରସେଲ | ରନଆଉଟ୍ | ୧୭ | ୦୯ |
| ରବମନ ପାୱେଲ | ଏଲବି ବୋ ଷ୍ଟାର୍କ | ୦୫ | ୦୫ |
| ଅନୁକୁଳ ରଏ | କ୍ୟା ଚମିରା ବୋ ଷ୍ଟାର୍କ | ୦୦ | ୦୧ |
| ହର୍ଷିତ ରାଣା | ୦୦ | ୦୧ | |
| ବରୁଣ ଚକ୍ରବର୍ତ୍ତୀ | ଅପରାଜିତ | ୦୧ | ୦୧ |
| ଅତିରିକ୍ତ | | ୦୯ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ୱିକେଟ୍ |
|---|---|---|---|---|
| ମିଚେଲ ଷ୍ଟାର୍କ | ୪ | ୦ | ୪୩ | ୩ |
| ଦୁଷ୍ମନ୍ତ ଚମିରା | ୩ | ୦ | ୪୬ | ୧ |
| ମୁକେଶ କୁମାର | ୨ | ୦ | ୧୭ | ୦ |
| ବିପରାଜ ନିଗମ | ୪ | ୦ | ୪୧ | ୨ |
| ଅକ୍ସର ପଟେଲ | ୪ | ୦ | ୨୭ | ୨ |
| କୁଲଦୀପ ଯାଦବ | ୩ | ୦ | ୨୭ | ୦ |

## ଶୁଭମନଙ୍କ ଉପରେ ଭଡ଼କିଲେ ଅଜୟ ଜାଡେଜା

**ନୂଆଦିଲ୍ଲୀ ୨୯ ।୪:** ୨୮ ଏପ୍ରିଲ, କମ୍ପିଥିଲା ଜୟପୁରର ସୱାଇ ମାନସିଂହ ଷ୍ଟାଡିୟମ । ଅନୁଷ୍ଠିତ ଓଟଖ ୨୦୨୫ର ୪୭ତମ ମ୍ୟାଚ୍‌ରେ, ଝଡ ଭଳି ଗର୍ଜିଥିଲେ ବୈଭବ ସୂର୍ଯ୍ୟବଂଶୀ । ମାତ୍ର ୩୮ ବଲ୍‌ରେ ୧୦୧ ରନ୍ କରି ଏକତରଫା ବିଜୟ ହାସଲ କରିଥିଲା ରାଜସ୍ଥାନ ରୟାଲ୍ସ ଦଳ । ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସକୁ ୮ ୱିକେଟ୍‌ରେ ପରାସ୍ତ କରିଥିଲା ରୟାଲ୍ସ । ଏହି ୧୪ ବର୍ଷୀୟ ବ୍ୟାଟସମ୍ୟାନ୍ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଅନେକ ରେକର୍ଡ ସ୍ଥାପନ କରିଛନ୍ତି । ଆଇପିଏଲରେ ସର୍ବକନିଷ୍ଠ କ୍ରିକେଟର ଭାବେ ଶତକ ହାସଲ କରିଛନ୍ତି ସୂର୍ଯ୍ୟବଂଶୀ । ମାତ୍ର ୧୪ ବର୍ଷ ବୟସରେ ଏହି ରେକର୍ଡ ନିଜ ନାଁରେ କରିଛନ୍ତି ସେ । ମ୍ୟାଚ୍ ପରେ, ଦଳର ପରାଜୟରେ ନିରାଶ ଦେଖାଯାଉଥିବା ଗୁଜରାଟ ଟାଇଟାନ୍ସ ଅଧିନାୟକ ଶୁଭମନ ଗିଲ୍ ରଖିଥିଲେ ପ୍ରତିକ୍ରିୟା । ରାଜସ୍ଥାନ ରୟାଲ୍ସର ଓପନର ବୈଭବ ସୂର୍ଯ୍ୟବଂଶୀଙ୍କ ଇନିଂସ ବିଷୟରେ ବଖାଣିଥିଲେ ଗିଲ୍ । ହେଲେ ପୂର୍ବତନ ଭାରତୀୟ କ୍ରିକେଟର ଅଜୟ ଜାଡେଜାଙ୍କୁ ଏକଥା ସହଜରେ ହଜମ ହୋଇନଥିଲା । ସେ ଜିଟି କ୍ୟାପଟେନଙ୍କୁ ଅନେକ କିଛି କହିଛନ୍ତି । ରାଜସ୍ଥାନ ରୟାଲ୍ସ ବିପକ୍ଷରେ ପରାଜୟ ପରେ, ଜିଟି ଅଧିନାୟକ ଶୁଭମନ ଗିଲ କହିଥିଲେ ଯେ ଏହା ବୈଭବ ସୂର୍ଯ୍ୟବଂଶୀଙ୍କ ଦିନ ଥିଲା । ସେ ଯେଉଁଭଳି ଭାବରେ ସଟ୍ ମାରୁଥିଲେ ତାହା ଦେଖିବା ଆଶ୍ଚର୍ଯ୍ୟଜନକ ଥିଲା । ତାଙ୍କ ଦିନ ଥିଲା ସେ,ଏହାର ଫୁଲ୍ ଉପଯୋଗ କଲେ । ଗିଲ୍ ଆହୁରି କହିଛନ୍ତି ଯେ ପାୱାର ପ୍ଲେରେ ହିଁ ଜଜର ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନମାନେ ଆମଠାରୁ ମ୍ୟାଚ୍ ଛଡ଼ାଇ ନେଇଥିଲେ । ଆମେ ଆହୁରି ଭଲ କରିପାରିଥାନ୍ତୁ, କିନ୍ତୁ କରିପାରିଲୁ ନାହିଁ ।



### ପ୍ରତିକାଙ୍କ ଦମଦାର ଇନିଂସ

## ୧୫ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇଲା ଭାରତ

**ନୂଆଦିଲ୍ଲୀ, ୨୯ ।୪:** ମହିଳା ତ୍ରି-ରାଷ୍ଟ୍ରୀୟ ସିରିଜ୍‌ରେ ଆଜି ଭାରତ ବନାମ ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ ଖେଳାଯାଇଛି । ପ୍ରଥମେ ବ୍ୟାଟିଂ କରି ଭାରତ ୨୭୬ ରନ୍ କରିଥିଲା ।

### ତ୍ରିରାଷ୍ଟ୍ରୀୟ ମହିଳା କ୍ରିକେଟ ସିରିଜ

ଏଥିରେ ପ୍ରତିକା ରାୱଲ ୭୮ ରନ୍‌ର ପାଳି ଖେଳିଛନ୍ତି । ଜବାବରେ ଦକ୍ଷିଣ ଆଫ୍ରିକା ଭଲ ପ୍ରଦର୍ଶନ କରିଥିବା ବେଳେ ୨୬୧ ରନରେ ଅଲ୍ ଆଉଟ୍ ହୋଇଥିଲା । ଭାରତର ଚମତ୍କାର ପ୍ରଦର୍ଶନ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିବା ସହ ନିଜର ଅପରାଜେୟ ଧାରାକୁ ବଜାୟ ରଖିବା ସହ ତ୍ରିକୋଣୀୟ ଶୃଙ୍ଖଳାରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି ।



ପ୍ରଥମେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଅଧିନାୟିକା ହରମପ୍ରୀତ କୌର । ସ୍ମୃତି ମାନ୍ଧାନା ଓ ପ୍ରତିକା ରାୱଲ ଓପନିଂ କରିଥିଲେ । ୧୮ତମ ଓଭରରେ ଏହି ଯୋଡିକୁ ଭାଙ୍ଗିଥିଲେ ଅନ୍ନେରି ଡେର୍କସେନ । ସ୍ମୃତି ମାନ୍ଧାନା ୩୬ ରନ କରି ଆଉଟ୍ ହୋଇଥିଲେ । ଏହାପରେ ପ୍ରତିକାଙ୍କ ସହ ଯୋଗ ଦେଇଥିଲେ ହର୍ଲିନ ଦେଓଲ । ଏହି ଯୋଡି ଦୀର୍ଘ ସମୟ ତିଷ୍ଠି ଥିଲେ । ୩୦ତମ ଓଭରରେ ୭୮ରନ କରି ଆଉଟ୍ ହୋଇଥିଲେ ପ୍ରତିକା ରାୱଲ । ପରେ ପରେ ହର୍ଲିନ ଦେଓଲ ୨୯ରନ କରି ଆଉଟ୍ ହୋଇଥିଲେ । ଏହାପରେ ହର୍ମନପ୍ରୀତ କୌର ଓ ଜେମିମା ରୋଡ୍ରିଗ୍ସ ପାଳି ସମ୍ଭାଳିଥିଲେ । ୪୨ତମ୍ ଓଭରରେ ୪୧ ରନ କରି ଜେମିମା ପାଭିଲିୟନ ଫେରିଥିଲେ । ଦଳୀୟ ସ୍କୋର ୨୪୭ରେ ଭାରତ ୪ଟି ୱିକେଟ୍ ହରାଇଥିଲା ।

୪୫ତମ ଓଭରରେ ରିଚା ଘୋଷ ୨୪ ରନ କରି ଆଉଟ୍ ହୋଇଥିଲେ । ପରେ ପରେ ଦିପ୍ତୀ ଶର୍ମା ୯ ରନ କରି ପାଭିଲିୟନ ଫେରିଥିଲେ । ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ ହରାଇ ୨୭୬ ରନ କରିଛି ଟିମ୍ ଇଣ୍ଡିଆ । ଭାରତ ପକ୍ଷରୁ ପ୍ରତିକା ରାୱଲ ସର୍ବାଧିକ ୭୫ ରନ୍ (୯୧) କରିଛନ୍ତି । ଦକ୍ଷିଣ ଆଫ୍ରିକାକୁ ୨୭୭ରନ ଟାର୍ଗେଟ ଦେଇଛି ଭାରତ । ସାଉଥ୍ ଆଫ୍ରିକାର ନନକୁଲୁଲେକୋ ମାଲାବା ୫୫ରନ୍ ଦେଇ ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଛନ୍ତି ।

## ବୈଭବଙ୍କ ବିସ୍ଫୋରକ ବ୍ୟାଟିଂରେ ଫିଦା ସଚିନ

**ମୁମ୍ବାଇ, ୨୯ ।୪:** ଆଇପିଏଲ୍ ୨୦୨୫ର ୪୭ତମ ମ୍ୟାଚ୍‌ରେ, ଜୟପୁରରେ ହୋଇଥିଲା ରନ୍ ବର୍ଷା । ରାଜସ୍ଥାନ ରୟାଲ୍ସର ୧୪ ବର୍ଷୀୟ ଓପନର ବ୍ୟାଟସମ୍ୟାନ୍ ଆଇପିଏଲ ଇତିହାସରେ ଦ୍ୱିତୀୟ ଦ୍ରୁତତମ ଶତକ ହାସଲ କରି ଗୁଜରାଟ ଟାଇଟାନ୍ସର ବଡ଼ ସ୍କୋରକୁ ପଛରେ ପକାଇ ଦେଇଛନ୍ତି । ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଟାଇଟାନ୍ସ ୨୦ ଓଭରରେ ୪ ୱିକେଟ୍ ହରାଇ ୨୦୯ ରନ୍ କରିଥିଲା ।



ଟାର୍ଗେଟର ପିଛା କରି, ରାଜସ୍ଥାନ ରୟାଲ୍ସ ୨୫ ବଲ୍ ବାକି ଥାଇ ୮ ୱିକେଟରେ ମ୍ୟାଚ୍ ଜିତି ନେଇଥିଲା । ଏହି ମ୍ୟାଚ୍‌ର ହିରୋ ଥିଲେ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ । ଯିଏ ବିସ୍ଫୋରକ ଶତକ ମାରି ଗୁଜରାଟ ଟାଇଟାନ୍ସକୁ ମାଟି କାମୁଡିବାକୁ ବାଧ କରିଥିଲେ । ତେବେ ବୈଭବଙ୍କ ଖେଳରେ ଫିଦା ହୋଇଯାଇଛନ୍ତି ଅନେକ ଦିଗ୍ଗଜ କ୍ରିକେଟର । ଖାସ୍ କରି ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ମଧ୍ୟ ବୈଭବଙ୍କ ଏହି ଚମତ୍କାର ଇନିଂସକୁ ପ୍ରଶଂସା କରିଛନ୍ତି ।

ମହାନ ବ୍ୟାଟସମ୍ୟାନ ସଚିନ ତେନ୍ଦୁଲକର ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ରଶଂସା କରିବାରୁ ନିଜକୁ ରୋକିପାରିଲେ ନାହିଁ । ବୈଭବଙ୍କ ଇନିଂସର ଭିଡିଓ ସେୟାର କରିବା ସମୟରେ ସେ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଲେଖିଛନ୍ତି, 'ବୈଭବଙ୍କ ନିର୍ଭୀକ ଆଭିମୁଖ୍ୟ, ବ୍ୟାଟ୍ ଗତି, ବଲ୍ ର ଲେନ୍ଥକୁ ଶୀଘ୍ର ବୁଝିବାର କ୍ଷମତା ରହିଛି । ବଲ୍ ର ଶକ୍ତି ସ୍ଥାନାନ୍ତର କରିବାର କ୍ଷମତା ହେଉଛି ତାଙ୍କ ଚମତ୍କାର ଇନିଂସର ରହସ୍ୟ । ଶେଷରେ, ଫଳାଫଳ ୩୫ବଲ୍‌ରେ ୧୦୧ ମହାନ ପାଳି ଖେଳିଥିଲେ ।

ରାଜସ୍ଥାନ ରୟାଲ୍ସ ଏହି ଓପନରଙ୍କୁ ୧ କୋଟି ୧୦ ଲକ୍ଷ ଟଙ୍କାରେ କିଣିଥିଲା ଦଳ । ବୈଭବ ସେହି ବିଶ୍ୱାସକୁ ପୂରଣ କଲେ ଏବଂ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ୩୫ ବଲ୍‌ରେ ୧୦୧ ରନ୍ ?ର ଏକ ଚମତ୍କାର ଇନିଂସ ଖେଳିଲେ । ତାଙ୍କ ଇନିଂସରେ ୭ଟି ଚୌକା ଏବଂ ୧୧ଟି ଛକା ଅନ୍ତର୍ଭୁକ୍ତ ଥିଲା । ତାଙ୍କର ଷ୍ଟ୍ରାଇକ୍ ରେଟ୍ ଥିଲା ୨୬୫.୭୯ । ବୈଭବଙ୍କ ଏହି ଇନିଂସ ଯୋଗୁଁ ରାଜସ୍ଥାନ ମାତ୍ର ୧୫ ଓଭର ଏବଂ ୫ ବଲ୍ ମଧ୍ୟରେ ୨୧୦ ରନର ଟାର୍ଗେଟ ହାସଲ କରିଥିଲା । ତାଙ୍କର ଚମତ୍କାର ପ୍ରଦର୍ଶନ ପାଇଁ ସେ ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ପାଇଥିଲେ ।

## ତୃଣମୂଳସ୍ତରରେ ଭଲିବଲର ବିକାଶ ନେଇ କିସ୍ ଓ ଏଫ୍‌ଆଇଭିବି ଆଲୋଚନା

**ଭୁବନେଶ୍ୱର, ୨୯ ।୪:** କିସ୍ ଜରିଆରେ ତୃଣମୂଳସ୍ତରରେ ଭଲିବଲର ବିକାଶ ନେଇ କିଟ୍-କିସ୍ ଓ ଏଫ୍‌ଆଇଭିବି ମଧ୍ୟରେ ଆଲୋଚନା ହୋଇଛି । ଏ ସମ୍ପର୍କରେ ଆଲୋଚନା ପାଇଁ କିଟ୍ ଓ କିସ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସୁଇଜରଲ୍ୟାଣ୍ଡ ସ୍ଥିତ ଏଫ୍‌ଆଇଭିବି ମୁଖ୍ୟାଳୟକୁ ନିମନ୍ତ୍ରଣ କରାଯାଇଥିଲା । ଏଫ୍‌ଆଇଭିବି ହେଉଛି



ଭଲିବଲର ସର୍ବୋଚ୍ଚ ଆନ୍ତର୍ଜାତିକ ସଂଗଠନ । ଭାରତରେ ବିଶେଷ କରି ଓଡ଼ିଶାର ବିଦ୍ୟାଳୟଗୁଡ଼ିକରେ ତୃଣମୂଳସ୍ତରରେ ଭଲିବଲର ପ୍ରସାର ଉପରେ ସୋମବାର ଏଫ୍‌ଆଇଭିବି କର୍ତ୍ତୃପକ୍ଷ ଓ ଶ୍ରୀ ସାମନ୍ତଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏହି ଆଲୋଚନାରେ ଅଚ୍ୟୁତ ସାମନ୍ତଙ୍କ ସହ ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍ ସଭାପତି ଡ. ଆରି ଗ୍ରାକା, ଏଫଆଇଭିବି ସଭାପତି ଫାବିଓ ଆଜେଭେଦୋ, ଏଫ୍‌ଆଇଭିବି ଜେନେରାଲ୍ ଡାଇରେକ୍ଟର ଷ୍ଟିଭ୍ ଟଟନ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶ୍ରୀ ସାମନ୍ତ ଭାରତୀୟ ଭଲିବଲ୍ ସଂଘର ସଭାପତି ଭାବେ ପଦ ଛାଡ଼ିବା ପରେ ଭାରତରେ ଭଲିବଲ୍‌ର ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇନଥିବା ଏହି ଆଲୋଚନା ଅବସରରେ ଏଫ୍‌ଆଇଭିବି କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ । ତେବେ ଖୁବ୍ ଶୀଘ୍ର କିଟ୍ ଓ କିସ୍ ଜରିଆରେ ଭାରତ ବିଶେଷକରି ଓଡ଼ିଶାରେ ଭଲିବଲର ପ୍ରସାର ନିମନ୍ତେ କିସରେ ଅନେକଗୁଡ଼ିଏ ସେଣ୍ଟର ଅଫ୍ ଏକ୍ସଲେନ୍ସ ଖୋଲାଯିବ ବୋଲି ଏଫ୍‌ଆଇଭିବି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହି କେନ୍ଦ୍ରଗୁଡ଼ିରେ ଖେଳାଳି ଓ ପ୍ରଶିକ୍ଷକମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହା ସହିତ ଭଲିବଲ୍ କୋଚ୍ ଓ ରେଫରୀମାନଙ୍କ ପାଇଁ ଏକ ଏକାଡେମିକ୍ ପ୍ରୋଗ୍ରାମ ମଧ୍ୟ ଚାଲୁ କରାଯିବ । ଆଗାମୀ ଦିନରେ ଓଡ଼ିଶାରେ ୪ଶହ ବିଦ୍ୟାଳୟକୁ ଏହି ବିକାଶଧାରାରେ ସାମିଲ କରାଯିବ ଏବଂ ପ୍ରତ୍ୟେକ ବିଦ୍ୟାଳୟକୁ ଭଲିବଲ୍ ଓ ନେଟ୍ ଯୋଗାଇ ଦିଆଯିବ ବୋଲି ଏଫ୍‌ଆଇଭିବି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ବିଚ୍ ଭଲିବଲ୍‌ର ବିକାଶ ପାଇଁ ମଧ୍ୟ ଏଫ୍‌ଆଇଭିବି ପକ୍ଷରୁ ପ୍ରଶିକ୍ଷକ ଯୋଗାଇ ଦିଆଯିବ । ଏହା ସହ ପ୍ରତିବର୍ଷ ଏଫ୍‌ଆଇଭିବି କିଟ୍ ଓ କିସ୍ ପରିଦର୍ଶନରେ ଆସି ଓଡ଼ିଶାରେ ହୋଇଥିବା ଭଲିବଲ୍ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବ । ଏଥିରେ ସନ୍ତୋଷ ବ୍ୟକ୍ତ କରି ଶ୍ରୀ ସାମନ୍ତ କହିଛନ୍ତି, ଏହା ଦ୍ୱାରା ଓଡ଼ିଶାରେ ଭଲିବଲ୍ ଓ ବିଚ୍ ଭଲିବଲ୍‌ର ଯଥେଷ୍ଟ ବିକାଶ ଘଟିବା ସହ ପାଇଁ ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭା ସୃଷ୍ଟି ହୋଇପାରିବେ ।

## ଆଫ୍ରିଦିଙ୍କ ଉପରେ ବର୍ଷିଲେ ଧାୱନ

**ନୂଆଦିଲ୍ଲୀ, ୨୯ ।୪:** ଦେଶର ଉନ୍ନତିରେ ଧ୍ୟାନ ଦିଅ, ଆଉ କେତେ ତଳକୁ ଖସିବ ? ପୂର୍ବତନ ପାକିସ୍ତାନ ଅଧିନାୟକ ଶାହିଦ ଅଫ୍ରିଦି ଭାରତୀୟ ସେନା ବିଷୟରେ ଅପ୍ରୀତିକର ମନ୍ତବ୍ୟ ଦେବାର ଗୋଟିଏ ଦିନ ପରେ, ପୂର୍ବତନ ଭାରତୀୟ କ୍ରିକେଟର ଶିଖର ଧାୱନ ତାଙ୍କୁ ଏଭଳି ଜବାବ ଦେଇଛନ୍ତି । ଏପ୍ରିଲ ୨୨ ତାରିଖରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ବିବାଦୀୟ ବୟାନ ଦେଇଥିଲେ ଅଫ୍ରିଦି । ୨୭ ଟେଷ୍ଟ, ୩୯୮ ଦିନିକିଆ ଏବଂ ୯୯ ଟି-୨୦ ଖେଳିଥିବା ଅଭିଜ୍ଞ ଅଫ୍ରିଦି ପହଲଗାମ ଆତଙ୍କବାଦୀ ଆକ୍ରମଣ ଉପରେ ଭାରତୀୟ ସେନା ଏବଂ ଗଣମାଧ୍ୟମର କାମକୁ ଉପହାସ କରିଥିଲେ । ଧାୱନ ତାଙ୍କୁ କଡ଼ା ଜବାବ ଦେଇ ଏକ୍ସରେ ପୋଷ୍ଟ କରିଛନ୍ତି ଯେ, 'ଆମେ ତୁମକୁ କାରଗିଲରେ ପରାସ୍ତ କରିଥିଲୁ । ତୁମେମାନେ ଏତେ ତଳକୁ ଖସିଯାଇଛ, ଆଉ କେତେ ତଳକୁ ଯିବ ? ମନ୍ତବ୍ୟ ଦେବା ପରିବର୍ତ୍ତେ, ନିଜ ଦେଶର ଅବସ୍ଥା ସୁଧାରିବା ଉପରେ ଧ୍ୟାନ ଦିଅ । ଆମେ ଆମ ସେନା ଉପରେ ଗର୍ବିତ ।' ଉଲ୍ଲେଖଯୋଗ୍ୟ, 'ଅଫ୍ରିଦି ଏକ ଟିଭି ସାକ୍ଷାତକାରରେ ଯୋଗ ଦେଇ ଲେଖିଥିଲେ, କଶ୍ମୀରରେ ତୁମର ୮,୦୦,୦୦୦ ସଶକ୍ତ ସେନା ମୁତୟନ ଅଛି ବୋଲି ଦାବି କରୁଛି । ହେଲେ ଏହା ସତ୍ତ୍ୱେ ବି ଏହି ଆକ୍ରମଣ ଘଟିଛି । ଯଦି ତୁମେ ନିଜ ଲୋକମାନଙ୍କୁ ସୁରକ୍ଷା ଯୋଗାଇ ପାରୁ ନାହଁ, ତେବେ ତୁମେ ଅଯୋଗ୍ୟ ।

## ଆଇପିଏଲ୍‌ର ସବୁଠୁ ଦାମୀ ଖେଳାଳି ଫ୍ଲପ୍

### ବ୍ୟାଟିଂ, କ୍ୟାପଟେନ୍ସି ସବୁଥିରେ ଫ୍ଲପ୍ ରିଷଭ ପନ୍ତ

**ପନ୍ତ କେବଳ ଚେନ୍ନାଇ ବିପକ୍ଷ ମ୍ୟାଚରେ ୬୩ ରନ କରିଥିଲେ ହେଲେ ଆଉ ସବୁ ମ୍ୟାଚରେ ୦, ୧୫, ୨, ୨, ୨୧, ୩ ,୦, ୪ ରନ କରି ପାଭିଲିୟନ ଫେରିଛନ୍ତି । କହିବାକୁ ଗଲେ ସେ ମୋଟ ୯ଟି ମ୍ୟାଚ ଖେଳି ମାତ୍ର ୧୧୦ ରନ କରିଛନ୍ତି ।**



**ଲକ୍ଷ୍ନୌ, ୨୯ ।୪:** ଆଇପିଏଲରେ ଚାଲିଛି ଜୋରଦାର ଲଢେଇ । କିଏ ଯିବ ପ୍ଲେଅଫ ତାକୁ ନେଇ ଆରମ୍ଭ ହେଲାଣି ଅଙ୍କ କଷା । ଏହାରି ଭିତରେ ଲକ୍ଷ୍ନୌ ଟିମ ଆଉ ତାର କ୍ୟାପଟେନ୍ ବେଶ ଚର୍ଚ୍ଚାରେ ରହିଛନ୍ତି । କାରଣ ସବୁଠାରୁ ଅଧିକ ଟଙ୍କା ଦେଇ ଲକ୍ଷ୍ନୌ କିଣିଥିବା ଅଧିନାୟକ ଫ୍ଲପ ଶୋ ଦେଖାଉଛନ୍ତି ।

ଯେଉଁଥିପାଇଁ ଦଳ ଧିରେ ଧିରେ ପ୍ଲେଅଫ ଦୌଡ଼ରୁ ପଛରେ ପଡ଼ିଯିବାର ନଜର ଆସୁଛନ୍ତି । ନା ଚାଲୁଛି ରିଷଭ ପନ୍ତଙ୍କ ବ୍ୟାଟ୍ ନା କାମ କରୁଛି ତାଙ୍କ କ୍ୟାପଟେନ୍ସି । ସବୁଥିରେ ରିଷଭ ଫ୍ଲପ ଥିବା ଦେଖିବାକୁ ମିଳୁଛି । ଅର୍ଥାତ ପନ୍ତ ଯେତିକି ଟଙ୍କାରେ କିଣା ହୋଇଛନ୍ତି ସେତିକି ଟଙ୍କାର ଖେଳ ବି ଖେଳୁ ନାହାନ୍ତି ।

ପନ୍ତ କେବଳ ଚେନ୍ନାଇ ବିପକ୍ଷ ମ୍ୟାଚରେ ୬୩ ରନ କରିଥିଲେ ହେଲେ ଆଉ ସବୁ ମ୍ୟାଚରେ ୦, ୧୫, ୨, ୨, ୨୧, ୩ ,୦, ୪ ରନ କରି ପାଭିଲିୟନ ଫେରିଛନ୍ତି । କହିବାକୁ ଗଲେ ସେ ମୋଟ ୯ଟି ମ୍ୟାଚ ଖେଳି ମାତ୍ର ୧୧୦ ରନ କରିଛନ୍ତି । ଦିଲ୍ଲୀ ପକ୍ଷରୁ ସେ ସର୍ବାଧିକ ଥର ଶୂନରେ ଆଉଟ ହୋଇଥିବା ଖେଳାଳି । ଦଳରେ ତାଙ୍କୁ ଛାଡ଼ିଦେଲେ ଅନ୍ୟ ବ୍ୟାଟ୍ସମ୍ୟାନ ଭଲ ଫର୍ମରେ ରହିଛନ୍ତି । ନିକୋଲାସ ପୂରଣ, ମିଚେଲ ମାର୍ଶ, ଏଡେନ ମାରକ୍ରାମଙ୍କ ପାଇଁ ଦଳ ଭଲ ସ୍ଥିତିରେ ରହିଛି । ହେଲେ କ୍ୟାପଟେନଙ୍କ ଫ୍ଲପ ଶୋରେ ନିରାଶ ହୋଇଗଲେଣି ଫ୍ୟାନ ।

ସେହିପରି ତାଙ୍କ କ୍ୟାପଟେନ୍ସିକୁ ନେଇ ବି ପ୍ରଶ୍ନ ଉଠୁଛି । ଗତ ମ୍ୟାଚରେ ଯେଉଁଠି ଲକ୍ଷ୍ନୌକୁ ଦ୍ରୁତ ରନର ଆବଶ୍ୟକତା ରହିଥିଲା ସେଠି ରିଷଭ ବହୁତ ପଛରେ ବ୍ୟାଟିଂ ଆସିଥିଲେ । ଆଉ ଏକ ଖାମଖିଆଲ ସଟ୍ ଖେଳି ଆଉଟ ହୋଇଯାଇଥିଲେ । ୨୭ କୋଟି ଟଙ୍କାର ଖେଳାଳି ପୁଣି ଦଳର କମାଣ ସମ୍ଭାଳିଥିବା କ୍ୟାପଟେନ ଯେତେବେଳେ ଏଭଳି ସଟ୍ ଖେଳି ଆଉଟ ହୁଅନ୍ତି ସେତେବେଳେ ତାଙ୍କୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ ।

ଆଇପିଏଲ ୨୦୨୫ ମେଗା ଅକ୍ସନରେ ସବୁଠାରୁ ଦାମୀ ଖେଳାଳି ହୋଇଥିଲେ ରିଷବ । ତାଙ୍କୁ ଲକ୍ଷ୍ନୌ ୨୭ କୋଟି ଟଙ୍କାରେ କିଣିଥିଲା । ଆଉ ଦଳର ଅଧିନାୟକ ଦାୟିତ୍ୱ ଦେଇଥିଲା । ହେଲେ ଲାଗୁଛି ରିଷଭ ତାକୁ ଠିକରେ ତୁଲାଇ ପାରୁନାହାନ୍ତି । ଯାହାକୁ ନେଇ ଦଳ ବହୁତ ବଡ଼ କ୍ଷତି ସହୁଛି । କାରଣ ୨୭ କୋଟି ଟଙ୍କାରେ କିଣାଯାଇ ବି ତାଙ୍କ ପ୍ରଦର୍ଶନ ୨୭ ଟଙ୍କାର ବି ନୁହେଁ । ଫ୍ରାଞ୍ଚାଇଜ ତାଙ୍କ ଉପରେ ଭରସା କରି ଏତେ ଟଙ୍କା ଖର୍ଚ୍ଚ କରିଦେଲେ ଆଉ ଏବେ ପସ୍ତଉଥିବା ଜଣାପଡିଛି ।

କେବଳ ପନ୍ତ ନୁହନ୍ତି ପଞ୍ଜାବ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛନ୍ତି ବିସ୍ଫୋରକ ବ୍ୟାଟ୍ସମ୍ୟାନ ଗ୍ଲେନ ମ୍ୟାକ୍ସୱେଲ । ତାଙ୍କ ପଛରେ ପଞ୍ଜାବ ୪ କୋଟି ଟଙ୍କା ଖର୍ଚ୍ଚ କରିଛି । ହେଲେ ଫଳ ଶୂନ । ଦିନେ ଯେଉଁ ବ୍ୟାଟ୍ସମ୍ୟାନଙ୍କ ବ୍ୟାଟ ଚାଲିଲେ ବୋଲରଙ୍କ ନିଦ ହଜିଯାଉଥିଲା, ଚଳିତ ସିଜିନରେ ତାଙ୍କ ବ୍ୟାଟ ନିରବ ହୋଇଯାଇଛି । ଆଉ କ୍ଷତି ସହୁଛି ଫ୍ରାଞ୍ଚାଇଜ୍ ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar